# ପ୍ରେରଣା

ସେପ୍ଟେମ୍ବର, ୨୦୨୦ ସଂସ୍କରଣ



ପ୍ରେରଣା

ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ସେପ୍ଟେମ୍ବର, ୨୦୨୦ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

## ଆମସହ ଯୋଗାଯୋଗ

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com, ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks...

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ସେପ୍ଟେମ୍ବର - ୨୦୨୦ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ, ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ସେପ୍ଟେମ୍ବର - ୨୦୨୦ ସଂସ୍କରଣର ବିଜେତା କବୟିତ୍ରୀ ପ୍ରିୟଦର୍ଶିନୀ ପଣ୍ଡାଙ୍କୁ ଅଭିନନ୍ଦନ । ତାଙ୍କ କଲମରୁ...

କେତେ ଯେ ପ୍ରତିଭା ଲୁଚି ରହିଥିଲେ
ବଣମଲ୍ଲୀ ପରି ଦୂର ରାଇଜେ ।
ଖୋଜି ଆଣି ତାଙ୍କୁ ପରିଚିତ କଲ
କଲମ ମୁନର ସମ୍ମାନ ରଖିଲ ।
ପତ୍ରିକା ନୁହେଁ ଏ ଆଶାର ଆଲୋକ
ଲୁକାୟିତ ସ୍ୱପ୍ନ ଠିକଣା ପଥିକ ।



ପ୍ରିୟଦର୍ଶିନୀ ପଣ୍ଡା

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

ପ୍ରେରଣା

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।

- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।

- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।

- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।

- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।

- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସଂରକ୍ଷିତ ।

- ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।




ଯୁଗେ ଯୁଗେ ସମାଜର ହିତ ପାଇଁ ସାହିତ୍ୟ ସୃଷ୍ଟି ହୋଇ ଆସିଛି । ଆଧୁନିକ ଯୁଗରେ ସାହିତ୍ୟର ବିବର୍ତ୍ତନ ଘଟି ମୂଲ୍ୟବୋଧ କିଛି ପରିମାଣରେ ହ୍ରାସ ପାଇଥିଲେ ହେଁ ପାଲା ଓ ଦାସକାଠିଆ ଭଳି ଲୋକକଳା ସାହିତ୍ୟକୁ ପତନ ମୁଖରୁ ରକ୍ଷାକରି ଆସୁଛନ୍ତି । ଏଥିସହ ସୋସିଆଲ ମିଡ଼ିଆର ବ୍ୟବହାର ଯୁବପିଢ଼ିମାନଙ୍କୁ ସାହିତ୍ୟ ପ୍ରତି ଅଧିକ ଆକର୍ଷିତ କରିବା ସହିତ ସାହିତ୍ୟକୁ ଅଧିକ ସୁଦୂର ପ୍ରସାରୀ କରିପାରିଛି । ଯାହାକି ଭବିଷ୍ୟତ ପାଇଁ ଏକ ଶୁଭ ସଂକେତ ଅଟେ । ବିବର୍ତ୍ତନବାଦ ସାହିତ୍ୟ ସହ ପାଠକ/ପାଠିକା ମାନଙ୍କ ରୁଚିରେ ମଧ ପରିବର୍ତ୍ତନ ଦେଖାଦେଇଛି । ବୈଷୟିକ ଜ୍ଞାନର ଦ୍ରୁତ ବିକାଶ ପରୋକ୍ଷରେ ଅନେକ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରୁଛି । ସାଧାରଣତଃ ସାହିତ୍ୟିକ ମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ପତ୍ର-ପତ୍ରିକାମାନଙ୍କର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । ଯେତେବେଳେ କବି/ଲେଖକ ଟିଏ ପ୍ରଥମେ ଲେଖିବା ଆରମ୍ଭ କରେ ଏହି

ପତ୍ର-ପତ୍ରିକା ମାଧ୍ୟମରେ ସେ ନିଜ ଲେଖାକୁ ପ୍ରକାଶକରି ଆତ୍ମତୃପ୍ତି ପାଇବା ସହ ତା'ର କଲମ ମୁନକୁ ଚିରଦିନ ପାଇଁ ଅମର କରିବା ପାଇଁ ପ୍ରେରଣା ପାଇଥାଏ । ଏହା କେବଳ ଆଧୁନିକ ସାହିତ୍ୟିକଙ୍କ କ୍ଷେତ୍ରରେ ଘଟେ ନାହିଁ । ଅତୀତରେ ଅନେକ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକଙ୍କ ସାହିତ୍ୟ ଜୀବନକୁ ତର୍ଜମା କଲେ ଏହାର ପ୍ରମାଣ ମିଳିଥାଏ ।

ଆଜିକାଲିର ଡିଜିଟାଲ ଯୁଗରେ ଅନେକ ଇ-ପତ୍ର-ପତ୍ରିକା ପ୍ରକାଶ ପାଉଅଛି । ପ୍ରିଣ୍ଟ ମିଡ଼ିଆ ପତ୍ର-ପତ୍ରିକା ତୁଳନାରେ ଏହାର ଲୋକପ୍ରିୟତା କମ୍ ଥିଲେ ମଧ୍ୟ ବିଶେଷ କରି ଯୁବବର୍ଗ ଏହାକୁ ଅଧିକ ପସନ୍ଦ କରୁଛନ୍ତି । ସ୍ୱଳ୍ପ ସମୟ ମଧ୍ୟରେ ଦ୍ରୁତ ପ୍ରସାର ହେତୁ ଅଧିକ ପାଠକ/ପାଠିକା ମାନଙ୍କ ପାଖରେ ପହଂଚିବା ହେଉଛି ଏହାର ସବୁଠାରୁ ବଡ଼ ସଫଳତା । ଏଥିସହ ଏହାକୁ ପ୍ରାୟତଃ ବିନାମୂଲ୍ୟରେ ଓ ଯେକୌଣସି ସ୍ଥାନରେ ମୋବାଇଲ, ଟାବଲେଟ୍ ଓ କମ୍ପୁଟର ଜରିଆରେ ପଢି ହେଉଥିବାରୁ ଯୁବପିଢ଼ିମାନେ ଏହାକୁ ଅଧିକ ପସନ୍ଦ କରିଥାନ୍ତି । ତେଣୁ ଭବିଷ୍ୟତରେ ଏହିଭଳି ଇ-ପତ୍ରିକା ଗୁଡିକ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଓଡିଆ ପରି ଏକ ସମୃଦ୍ଧ ଭାଷା ଓ ସଂସ୍କୃତିର ପରିପ୍ରଚାର ଓ ପ୍ରସାର ପାଇଁ ଚେଷ୍ଟିତ ଅନେକ ସାହିତ୍ୟ ସାଧକ ଆଜି ଲୋକଲୋଚନରୁ ଅଦୃଷ୍ଟ ।

ସେମାନେ ଆଜି ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ପଡୁଛନ୍ତି । ଏହି କ୍ରମରେ ବଣମଲ୍ଲୀ ପରି ଅବହେଳିତ ଅବସ୍ଥାରେ ଲେଖନୀ ଚାଳନା କରୁଥିବା ପ୍ରତିଭାଗୁଡିକର ଆବିଷ୍କାର ପାଇଁ "ପ୍ରେରଣା"ର ସୃଷ୍ଟି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ପ୍ରାରମ୍ଭରୁ କେବଳ ଇ-ପତ୍ରିକା ମାଧ୍ୟମରେ ଲୁକାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରିଆସୁଥିବା "ପ୍ରେରଣା"ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅବହେଳିତ ଅବସ୍ଥାରେ ଲେଖନୀ ଚାଳନା କରୁଥିବା ପ୍ରତିଭାସମ୍ପନ୍ନ କବି ତଥା ଲେଖକମାନଙ୍କର ଅପ୍ରକାଶିତ ପାଣ୍ଡୁଲିପି ଗୁଡିକର ପ୍ରକାଶ ପାଇଁ ପୂର୍ଣ୍ଣ ସହଯୋଗ କରିବା ଏବଂ ସେଗୁଡିକର ପ୍ରଚାର ଓ ପ୍ରସାର ପାଇଁ ପ୍ରୟାସ କରିବା । ଏହି ଦିଗ ପ୍ରତି ସମସ୍ତ ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ମଧ୍ୟ ଉଦ୍ୟମ କରିବା ଉଚିତ୍ । ତେବେ ଯାଇଁ ଓଡ଼ିଆ ସାହିତ୍ୟର କଳେବର ଋଦ୍ଧିମନ୍ତ ହୋଇ ପାରନ୍ତା ।

*****

ଧ୍ରୁବତାରା ପବ୍ଲିକେଶନର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"କୁ ଅର୍ଡର କରିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।




ଧ୍ରୁବତାରା ପବ୍ଲିକେଶନସ୍

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | ଅନ୍ତରଙ୍ଗ ଆଳାପ | | ୨୦ |
| | **ପଦ୍ୟ ବିଭାଗ** | | |
| ୧. | ସଂଯୁକ୍ତା | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୫ |
| ୨. | ଆସ ଫେରି ହେ ମୁରାରୀ | ଚାରୁବାଳା ପାଢୀ | ୨୭ |
| ୩. | ନିଜକୁ ମଣେ ମୁଁ ଜ୍ଞାନୀ | ସାବିତ୍ରୀ ମହାପାତ୍ର | ୨୯ |
| ୪. | ସମଲିଙ୍ଗୀ ଈର୍ଷାଳୁ | ରୋଜା ପଣ୍ଡା | ୩୧ |
| ୫. | ସ୍ୱପ୍ନ | ତେଜସ୍ୱିନୀ ସାମଲ | ୩୪ |
| ୬. | ମୌସୁମୀ ଓ ଚାଷୀ | ବିଶ୍ୱ ରଞ୍ଜନ ତ୍ରିପାଠୀ | ୩୬ |
| ୭. | ଅନେକାର୍ଥାସୁର ବଧ | ପୁଣ୍ୟରୂପା ଦାଶ | ୩୯ |
| ୮. | ମାଟି ପେଣ୍ଡୁଳା | ଅଳିଭା ସାହୁ | ୪୨ |
| ୯. | ବାୟୁବୀର ରାଫେଲ | ମନସ୍ୱିନୀ ମିଶ୍ର | ୪୪ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୦. | ଜୟ ମା' ଭୁବନେଶ୍ୱରୀ | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୪୬ |
| ୧୧. | ତୁମକୁ... | ସୁଚିସ୍ମିତା ବେହୁରିଆ | ୪୮ |
| ୧୨. | ହତଭାଗା | ରାଧାମୋହନ ପୂଜାହାରୀ | ୫୦ |
| ୧୩. | ସ୍ୱପ୍ନ ଓ ବାସ୍ତବତା | ଜ୍ୟୋତି ପ୍ରକାଶ ସାହୁ | ୫୩ |
| ୧୪. | ନିଷ୍ଠୁର ସମୟ | କାହ୍ନୁ ଚରଣ ସାହୁ | ୫୪ |
| ୧୫. | ଓଦା ଓଦା ଆଖି ଓ ନିଦା ନିଦା ସ୍ୱପ୍ନ | ପ୍ରଜ୍ଞା ପାରମିତା ମହାନ୍ତି | ୫୬ |
| ୧୬. | ତୁମେ ଜାଣିଛ | ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ୍ | ୫୮ |
| ୧୭. | ଆକାଂକ୍ଷା | ମିନତି କୁମାରୀ ଦାସ | ୬୦ |
| ୧୮. | ଠିକଣା | ହୃଦୟାନନ୍ଦ ପଧାନ | ୬୩ |
| ୧୯. | ଜୀବନ ସହ ସନ୍ଧି | ପ୍ରୀତିସୀମା ସ୍ୱାଇଁ | ୬୫ |
| ୨୦. | ଭୋକ | ସରୋଜିନୀ ମିଶ୍ର | ୬୭ |
| ୨୧. | ଦୁଃଖ | ସୁବାସ ଚନ୍ଦ୍ର ମୁଦୁଲି | ୭୦ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୨. | ପହିଲି ବର୍ଷା | ପ୍ରତିଭା ପ୍ରଧାନ | ୭୨ |
| ୨୩. | ମା' ଦଶଭୁଜା | ସରିତା ନନ୍ଦ | ୭୫ |
| | **ଗଦ୍ୟ ବିଭାଗ** | | |
| ୨୪. | କାଠ କଣ୍ଢେଇ | ତପସ୍ୱିନୀ ଦାଶ ଷଡଙ୍ଗୀ | ୭୯ |
| ୨୫. | ମହାଔଷଧ | ରୋଜା ପଣ୍ଡା | ୮୪ |
| ୨୬. | ଶକ୍ତିସ୍ୱରୂପିଣୀ ମା' ତାରିଣୀ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୮୮ |
| ୨୭. | ନାରୀ ଶକ୍ତିର ପରିପ୍ରକାଶ ନିମନ୍ତେ ସ୍ୱାଧୀନତା | ଐଶ୍ୱରିକା ସାହୁ | ୯୯ |
| ୨୮. | ପ୍ରେମର ଅନୁଭୂତି | ପ୍ରିୟଦର୍ଶିନୀ ପଣ୍ଡା | ୧୦୪ |
| ୨୯. | ଅମରପ୍ରେମ | ପ୍ରଭଞ୍ଜନ ଦାଶ | ୧୧୧ |


*****




click here to watch now!

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବୟିତ୍ରୀ...

**ନାମ :** ସଂଘମିତ୍ରା ରାଏଗୁରୁ

**ଜନ୍ମ ତାରିଖ :** ୦୨ ଜୁନ୍ ୧୯୮୩

**ବର୍ତ୍ତମାନ ଠିକଣା :** ରାୟପୁର, ଛତିଶଗଡ

**ଶିକ୍ଷା :** ବି.ଏସ୍.ସି, ବି.ଏଡ, ଏମ୍.ଏ ( ହିନ୍ଦୀ ସାହିତ୍ୟ ) ।



**୧. ଉଲ୍ଲେଖନୀୟ ସଫଳତା :** କବିତାରେ ଓଡିଶାର ପ୍ରତିନିଧିତ୍ୱ କରିବା ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ମନୋନୀତ, ମନମୋହିନୀ କବିତା ପୁରସ୍କାର (ଉତ୍କଳ ସାହିତ୍ୟ ସମାଜ), କୁଞ୍ଜବିହାରୀ ଉପନ୍ୟାସ ସମ୍ମାନ (ଉତ୍କଳ ସାହିତ୍ୟ ସମାଜ), ମୟୂରଭଞ୍ଜ ପୁସ୍ତକମେଳା କବିତା ପୁରସ୍କାର (କଳା ଓ ସଂସ୍କୃତି ବିଭାଗ, ଓଡିଶା ସରକାର), ସାହିତ୍ୟ ଦର୍ପଣ ସମ୍ମାନ, ବିଦ୍ୱୁଲତା ପ୍ରତିଭା ସମ୍ମାନ, ନାରାୟଣ ମୁଦୁଲି ତରୁଣ କବି ପୁରସ୍କାର, ସାହିତ୍ୟ ଶୃଙ୍ଗାର ସମ୍ମାନ, ଇନ୍ଦ୍ରପ୍ରସ୍ଥ ଲିଟରେଚର ଫେଷ୍ଟିଭାଲ୍, ଦିଲ୍ଲୀ ଦ୍ୱାରା ଓଡିଶା ରାଜ୍ୟର

ଚେୟାରମ୍ୟାନ୍ ଭାବେ ମନୋନୀତ ।

**୨. ରଚିତ ପୁସ୍ତକ :** ଆଖିରେ ଆଖିଏ ସ୍ୱପ୍ନ (ଇଭେଣ୍ଟସ୍ ପବ୍ଲିକେଶନ), ଜହ୍ନରେ ବି ଉଠେ ଝଡ (ଟାଇମ୍ ପାସ୍ ପବ୍ଲିକେଶନ), ଚାଲ ! ଦୀପଟେ ଜାଳିବା (ଟାଇମପାସ୍ ପବ୍ଲିକେଶନ), ତୁମେ ସମୁଦ୍ର ମୁଁ ଶୋଷ (ବନଫୁଲ ପବ୍ଲିକେଶନ), ଯାହା କୁହେନା ଆଇନା (ପଶ୍ଚିମା ପବ୍ଲିକେଶନ), **कुछ घूँट चाँद के** (ରବୀନା ପବ୍ଲିକେଶନ, ନିଉ ଦିଲ୍ଲୀ) ।

**୩. ପ୍ରିୟ ପୁସ୍ତକ :** ଶ୍ରୀ ରାଧା, ସପ୍ତମ ଋତୁ, ଧୂପ, ମାନସିଂହ ଗ୍ରନ୍ଥାବଳୀ, ଯାଜ୍ଞସେନୀ, ଶାମୁକା, ସହର ମେ ଗାଓଁ, ଖୋୟା ହୁଆ ସା କୁଛ...ଆଦି ଅନେକ ।

**୪. ପ୍ରିୟ ଲେଖକ/ଲେଖିକା :** ଡଃ. ରମାକାନ୍ତ ରଥ, ଡଃ. ମାୟାଧର ମାନସିଂହ, ନିଦା ଫାଜଲି, ସଂଗୀତା ଗୁପ୍ତା, ବୀଣାପାଣି ରାଏଗୁରୁ, ମନୋଜ ଦାସ ଓ ପ୍ରତିଭା ରାୟ ଆଦି ଅନେକ ସ୍ରଷ୍ଟା ।

**୫. ଆପଣଙ୍କ ପ୍ରେରଣାର ଉତ୍ସ :** ସେ ପ୍ରତିଟି ମୁହୂର୍ତ୍ତ ଓ ଘଟଣା ଦୁର୍ଘଟଣା ଯାହା ମୋ ହୃଦୟକୁ ଉଦବେଳିତ କରେ, ମନରେ ଜୁଆର ତୋଳେ ଓ ମୋତେ କଲମ ଧରିବାକୁ ବାଧ୍ୟ କରେ...

"ଛାତି ତଳ ଅଣକୁହା କଥା
ମଉକା ପାଇଲେ ପାଲଟେ କବିତା ।"

**୬. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ :** ସାହିତ୍ୟ ମନର ଦର୍ପଣ ତଥା ଜୀବନର ଦର୍ପଣ ବୋଲି ମୋର ଗଭୀର ବିଶ୍ୱାସ । ଯେତେବେଳେ କେଉଁଠି କିଛି ବି ନଥାଏ, ଅସହାୟତା ଘାରି ବସିଥାଏ, ସ୍ୱପ୍ନ ସବୁ ଭାଙ୍ଗି ରୁଜି ଚୁରମାର ହୋଇ ତିଆରି ଥା'ନ୍ତି ଧ୍ୱଂସ ସ୍ତୁପ ଠିକ୍ ସେତିକିବେଳେ କିଛି ନିଶବ୍ଦତା ଶବ୍ଦ ହୋଇ ଝରିଯାନ୍ତି କଲମରୁ ଓ ଆଶାର କିରଣ ହୋଇ ବଞ୍ଚିବାକୁ ଖୋରାକ୍ ଯୋଗାନ୍ତି, କିଛି ଏମିତିକା ମୂହୁର୍ତ୍ତରେ ମୁଁ ଧରିଥିଲି କଲମ, ଆରମ୍ଭିଥିଲି ସୃଜନଯାତ୍ରା । ଅବଶ୍ୟ ଜଣେ ବନ୍ଧୁ ତଥା କବିଙ୍କର ଏଥିରେ ବିଶେଷ ଭୂମିକା ଯିଏ ମୋତେ ଶବ୍ଦ ମାନଙ୍କ ହାତ ଧରି ତାରା ଖଞ୍ଜିବାକୁ ବାଧ୍ୟ କରିଥିଲେ । ଆଉ ତା' ପରେ କେବଳ ଲେଖି ଚାଲିଛି... ପାଠକ ମାନେ ମୋ ପ୍ରେରଣା ।

**୭. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :** ସାହିତ୍ୟ ସମୟ ତଥା ସମାଜକୁ ବଖାଣେ, ନୂତନ ଆଶା ସଞ୍ଚାରେ, ମାନବିକତାର ବୀଜ ବୁଣେ ଓ ପ୍ରେମରେ ସଂସାରକୁ ପ୍ଲାବିତ କରେ । କଲମ ଖଣ୍ଡା ଠୁ ବି ଶକ୍ତିଶାଳୀ କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ତ୍ତମାନ ସମାଜରେ ସାହିତ୍ୟର ଭୂମିକା ଅପରିହାର୍ଯ୍ୟ । ଯଦି ମୋତେ କେହି ସାହିତ୍ୟର ସ୍ଥିତି ବିଷୟରେ ପଚାରେ ମୁଁ କହିବି ଯୁବପିଢ଼ି ଏବେ ସୃଜନ ଶୀଳ, କଲମ ଧରି ନୂତନ ପୃଥିବୀ ଗଢିବାକୁ ତତ୍ପର ନିଜ ଭାବ ଜୁଆରରେ ପାଠକଙ୍କୁ ବୁହେଇ ନେବାକୁ ସମର୍ଥ ।

ଏହାର ସମ୍ପୂର୍ଣ୍ଣ ଶ୍ରେୟ ସୋସିଆଲ ମିଡିଆକୁ ଦେବାକୁ ଚାହିଁବି, ଯାହା ବିନା ସାହିତ୍ୟର ଏତେ ମାତ୍ରାରେ ପ୍ରଚାର ତଥା ପ୍ରସାର ଅସମ୍ଭବ ହୋଇ ପଡିଥାନ୍ତା ନିଶ୍ଚୟ । ଦିନଥିଲା ସାହିତ୍ୟ କେତେ ଜଣ ଏବଂ ଗୋଷ୍ଠୀରେ ଆବଦ୍ଧ ଥିଲା, ବଣମଲ୍ଲୀ ବଣରେ ଫୁଟି ବଣରେ ହିଁ ଝଡି ଯାଉଥିଲା । କିନ୍ତୁ ଏବେ ଯଦି ଜଣେ ସମର୍ଥ ଯୋଗ୍ୟ, ସେ ନିଶ୍ଚିତ ଭାବେ ନିଜ ବାସ୍ନାରେ ସମଗ୍ର ଜଗତକୁ ବାସ୍ନାୟିତ କରିପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସାହିତ୍ୟ ନିଜ ରାସ୍ତା ତିଆରୁଛି, ସ୍ଥିତି ସୁଦୃଢ ହେଉଛି ଓ ଏ ପ୍ରକ୍ରିୟା ଅନନ୍ତକାଳ ପର୍ଯ୍ୟନ୍ତ ଚାଲିଥିବ ।

**୮. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ପ୍ରେରଣା ଇ-ପତ୍ରିକା ରୀତିମତ ଭାବରେ ସାହିତ୍ୟର ପ୍ରଚାର ତଥା ପ୍ରସାର କରିବାକୁ ସଙ୍କଳ୍ପବଦ୍ଧ । ଓଡିଶା ଓ ଓଡିଶା ବାହାରୁ ବିଭିନ୍ନ ସ୍ରଷ୍ଟାଙ୍କୁ ପୃଷ୍ଠାରେ ସ୍ଥାନ ଦେଇ ନୂଆ ନୂଆ ଭାବ ସୃଷ୍ଟିକୁ ପରଶିବାରେ ସିଦ୍ଧହସ୍ତ । ପ୍ରେରଣା ଏମିତି ରୁଚିପୂର୍ଣ୍ଣ ହୋଇ ପାଠକଙ୍କ ହୃଦୟ ଜିଣୁଥାଉ ଏବଂ ସାହିତ୍ୟ ସେବା ମାଧ୍ୟମରେ ବିଭିନ୍ନ ସୃଷ୍ଟିକୁ ଗୋଟିଏ ସୂତ୍ରରେ ବାନ୍ଧିବାରେ ସହାୟକ ହେଉଥାଉ, ପାଠକଙ୍କ ଲାଗି ପ୍ରେରଣା ପାଲଟୁଥାଉ । ଢେର୍ ଶୁଭେଚ୍ଛା ଓ ଶୁଭକାମନା ।

*****

# ପଦ୍ୟ ବିଭାଗ

## ଚରୈବତି :

ରାତ୍ରିର ନିଶାର୍ଦ୍ଧ ପ୍ରହରେ ଯେବେ ସ୍ୱପ୍ନ ସବୁ ମୋର ଉଙ୍କିମାରେ
ତାକୁହିଁ ପାଥେୟ କରି ସେ ଜୀବନ ଜିଇଁବା ଲାଗି ବାଧ୍ୟକରେ ।
ଅଧାବାଟ ଚାଲି ଚାଲି ପଥ ଥକି ଯେବେ ମୋ ଆଶାଟି ହାରେ
ସ୍ମୃତି ସବୁ ଉଭା ଆସି ଆଗକୁ ବଢିବା ଇଛା ଜାଗେ ପୁଣିଥରେ ॥

- ପ୍ରଜ୍ଞା ପାରମିତା ମହାନ୍ତି




**ଜେ**ମା ରୂପଛବି ବର୍ଣ୍ଣିବାକୁ କବି
କଳ୍ପନାର ସୌଧ ତୋଳେ ।
ଜଳଦ-ବିଳାସୀ ସୌଦାମିନୀ ଆସି
ଖେଳେ କି ଧରଣୀ କୋଳେ ॥

ଅବା ମୂର୍ତ୍ତିମତୀ ହୋଇଛନ୍ତି ରତି
ଅନଙ୍ଗ-ଅଙ୍କଶାୟିନୀ ।
ଅମର୍ତ୍ତ୍ୟ କୁସୁମ-ଫୁଟିଛି ହେବାକୁ
ମର୍ତ୍ତ୍ୟ ଆନନ୍ଦ ଦାୟିନୀ ॥

ସୁମୁଖୀର ମୁଖ- ଲାବଣ୍ୟକୁ ଦେଖି
କଳ୍ପନା ଆସଇ ମନେ ।
ଏମୁଖକୁ ବିଧି ଗଢିଛି କି ଘେନି

ଚନ୍ଦ୍ରୁବଳି ଶୋଭା ଧନେ ॥

ପୌର୍ଣ୍ଣମାସୀ ବିନା ପୂର୍ଣ୍ଣ କାହିଁ ଇନ୍ଦୁ
କିନ୍ତୁ ଚିର ପୂର୍ଣ୍ଣ ଏତ ।
କଳଙ୍କ ରହିତ ମୁଖ ମଣ୍ଡଳ ଏ
ଚିର କଳଙ୍କିତ ସେତ ॥

ଦିବସ ପ୍ରଭାରେ ନିରୁଜ୍ୱଳ ଚନ୍ଦ୍ର
ଅମା ରଜନୀରେ ଲୀନ ।
ରାହୁ ଉଦ୍‌ଗୀରଣେ - ଉଚ୍ଛିଷ୍ଟ ଚନ୍ଦ୍ରମା
ଏ ମୁଖ ସଙ୍ଗକୁ ହୀନ ॥

ନୋହିବାରୁ ସରି ଚିକୁର ଶୋଭାକୁ
ଚମରୀ - ଚାମର ଗୁଚ୍ଛ ।
ତେଣୁ ଅପମାନେ ଲୁଚାଏ ଗୋପନେ
ଅଧୋଭାଗେ ତାର ପୁଚ୍ଛ ॥

*****

ଜହ୍ନିତଇଳା, ଢେଙ୍କାନାଳ

# ଆସ ଫେରି ହେ ମୁରାରୀ

ଚାରୁବାଳା ପାଢୀ



**(ରାଗ- ଶଙ୍କରାଭରଣ)**

ରସିକ ନାଗର ଶ୍ୟାମ' ମୋହନ' ମୁରାରୀ
ରାଧିକା ପ୍ରାଣ ବଲ୍ଲଭ' ଗୋପପୁ'ର ଶିରୀ
କୃଷ୍ଣ' ମଦନ ମୋ'ହନ
ଯଶୋମତି ଗଳାମାଳି' ଦେବକୀ'ର ପ୍ରାଣ ।

ଗାଈଗୋଠ ଧରି ହରି' ଯମୁନା'ର ତୀରେ
ରାଧା ରାଧା ଗାଉଥାଅ' ବଇଁଶୀ'ର ସୁରେ
ଶୁଣି' ସେ ମଧୁର' ତାନ
ଉଚ୍ଛନ୍ନ ରାଧିକା ରାଣୀ' ଯିବା ପା'ଇଁ ବନ ।

ଗୋପ ଗୋପାଙ୍ଗନା ସଙ୍ଗେ' କେତେ ରା'ସ କେଳୀ
ନିର୍ଜନ ନିସ୍ତବ୍ଧ ଆଜି' ସେ ଗୋପ ନ'ଗରୀ


କାହିଁ ଗଲ ଶ୍ୟାମ'ଘନ
ଝୁରିହୁଏ ରାଧାରାଣୀ' ଝୁରେ ଗୋ'ପବନ ।

ନୀରବି ଯାଇଛି ସତେ' ଯମୁନା'ର ନୀର
ଚକ୍ଷୁରେ ଭରିଛି ଅଶ୍ରୁ' ଗୋପ ଠୁ' ଗୋପାଳ
କୁଞ୍ଜ' ବନେ ରାଧା'ରାଣୀ
କର୍ଣ୍ଣ ଡେରିଅଛି ଶୁଣି'ବାକୁ ବେ'ଣୁ ଧ୍ୱନି ।

ହତଶିରୀ ଏ ନଗର' କୋହରେ' ଅଧୀର
କହ୍ନେଇ ପ୍ରେମରେ ବାଇ' ଗୋପ ନା'ରୀନର
କାହିଁ ଗଲ ହେ ମୁ'ରାରୀ
ବଜାଇ ଦିଅ ହେ ଥରେ' ପ୍ରୀତିର' ବାଂଶୁରୀ ।

*****

ନାମି, ଭଦ୍ରକ




**ଶି**କ୍ଷାଗତ ମୋର ଯୋଗ୍ୟତା ନଥାଇ,
ନିଜକୁ ମଣେ ମୁଁ ଜ୍ଞାନୀ ।
ନିୟମ କାନୁନ କିଛି ଜଣା ନାହିଁ,
ହେଲେ ନିୟମ କହେ ବଖାଣି ।
ଦୁଃଖିରଙ୍କିଙ୍କର ଚିହ୍ନେନା ମୁଁ ପେଟ,
ପଇସା ଟାଣେ ମୁଁ ନିତି ।
ରାତି ନପାହୁଣୁ ପଇସା ଚିନ୍ତାରେ ମୁଣ୍ଡ ହୋଇଯାଏ ପୋତି ।
ବୟସ ବଢୁଛି ଯେତିକି ଯେତିକି,
ଅର୍ଥ ଚିନ୍ତା ଘାରେ ଦିଗୁଣା ।
ରୋଗରେ ଯେତେ ମୁଁ ପୀଡିତା ହେଲେ ଭିଁ,
ସେ ଚିନ୍ତା ହେଉନି ଊଣା ।
ସମ୍ମାନ କାହାକୁ ଦିଏ ନାହିଁ ମୁହିଁ,

ଭାବେ ନିଜକୁ ସମ୍ମାନୀୟା ।
ସମସ୍ତେ ମୋହର ଗୋଡତଳ ଲୋକ,
କାହାକୁ ଖାତିର କରେନା ଜମା ।
ନିଜକୁ ସବୁଠୁଁ ଶ୍ରେଷ୍ଠ ବୋଲି ଭାବେ,
ପିମ୍ପୁଡି ସମାନ ଦିଶେ ସମସ୍ତେ ।
ଅର୍ଥର ବଳରେ ପାଦେ ଦଳି ଦେବି,
ଚାହୁଁ ଚାହୁଁ ମୁହିଁ ଏକ ନିଶ୍ୱାସେ ।

*****

ଭୁବନେଶ୍ୱର



# ସମଲିଙ୍ଗୀ ଈର୍ଷାଳୁ

ରୋଜା ପଣ୍ଡା

**ହେ** ଫୁଲ ଜାତି କାହିଁକି କରୁଛ ମତେ ଈର୍ଷା
ମୁଁ ପରା ତୁମ ଜାତିର, ତଥାପି କାହିଁକି କରୁଛ ମତେ ଈର୍ଷା
ମୁଁ ତ ଗୋଲାପ, ମହକିବା ମୋ ଧର୍ମ,
ଯେତେ ଫରୁଆରେ ଲୁଚାଇଲେ ବି ମୁଁ ମହକିବି
ଯେତେ କଦାକାର କରିଦେଲେ ବି ମୁଁ ସେମିତି ମହକୁଥିବି,
ପ୍ରଧାନ୍ୟ ବିହୀନ କରି ଅର୍ଥହୀନ ଆଖ୍ୟା ଦେଇଚାଲିଛ ମତେ,
ନିରର୍ଥକ ପରି ମଣିଚାଲିଛ ମତେ,
ତଥାପି ମୁଁ ମହକୁଛି, ମହକୁଥିବି ।
ତୁମେ ଥକିଯିବ ଦିନେ ମତେ ନିରର୍ଥକ ପ୍ରମାଣ କରିବାର ପ୍ରୟାସରେ
ରହିଯିବ ଚିରକାଳ ତୁମ ଚିନ୍ତାଧାରା ମିଥ୍ୟା, ଅର୍ଥହୀନ ଭୁଲ ଭାବନାରେ
ସେତେବେଳେ ବି ମୋର ବାସ୍ନା ବିଚ୍ଛୁରିତ ହେଉଥିବ ପ୍ରତି ଜନମାନସ ମନରେ,
ମୁଁ ତ ଗୋଲାପ, ମହକିବା ମୋ ଧର୍ମ

ତୁମେ ଚାହଁ କି ନ ଚାହଁ, ମହକୁଥିବି ମୁଁ ସବୁ ସମୟରେ
ସେମିତି ଶ୍ରେଷ୍ଠ ହେଇ ରହିଥିବି ସବୁରି ହୃଦୟରେ
ଗନ୍ଧହୀନ କହି ଯେତେ ଢେଙ୍ଗୁରା ପିଟିଲେ ବି
ମୋର ବାସ୍ନା ସାମ୍ନାରେ ତମେ ହାରିଯାଉଛ ବାରମ୍ବାର,
ପୁଣି ପଡି ଉଠି କରିଚାଲିଛ ସେଇ ଅର୍ଥହୀନ ଈର୍ଷା ମତେ କରିବାକୁ ନସ୍ବର
ତମେ ଥକିଯାଉନ କେବେ ? ଥରକୁଥର, ବାରମ୍ବାର ଗୋଟିଏ କାମ କରି
ନିଜ ପାଖରେ ନିଜେ ହାରି ଯାଉନ ମୋର ପତନର କାମନା କରି କରି
ପାରୁଛ ଯଦି ମତେ ଆପଣେଇ ନିଅ,
ମୋ ବାସ୍ନାରେ ନିଜକୁ ମହାକାଇ ଦିଅ,
ଅନ୍ୟର ଆଲୋକରେ ଆଲୋକିତ ହେଇ..
ଆଲୋକ ପ୍ରଦାନ କରୁଥିବା ଚନ୍ଦ୍ର ପରି ...
ମୁଁ ବି ଚାହିଁ ବସିଛି ତୁମକୁ ମହକାଇବା ପାଇଁ,
ଗୋଟିଏ ବଗିଚାରେ ରହି ତୁମ ସହିତ ସାରା ବିଶ୍ୱକୁ ବାସ୍ନା ବାଣ୍ଟିବା ପାଇଁ ।
ଚନ୍ଦ୍ର ଯଦି ଈର୍ଷା କରିଥାନ୍ତା ତାରା ମାନଙ୍କୁ ସେତେବେଳେ
ଏ ବିଶ୍ୱ ଆଜି ଅନ୍ଧାରରେ ଥାଆନ୍ତା
ସୁଦୀର୍ଘ ବ୍ୟାପ୍ତ ଆକାଶ ଆଜି ଶୂନ୍ୟ ଥାଆନ୍ତା
ତେଣୁ ଏବେ ବନ୍ଦ କର...
ବନ୍ଦ କର ତୁମର ମିଥ୍ୟା ପ୍ରୟାସ

"ସମଲିଙ୍ଗୀ ଈର୍ଷାଳୁ" ସ୍ଲୋଗାନକୁ ବଦଳାଅ ହେ ଫୁଲ ଜାତି
ମତେ ଈର୍ଷା କରିବା ସମୟକୁ ବ୍ୟୟ କର
ନିଜ ଭିତରର ଲୁକ୍କାୟିତ ବାସ୍ନା ଖୋଜିବାରେ
ଦେଖିବ ତୁମେ ବି ଦିନେ ମୋ ପରି ମହକିବ ସାରା ଦୁନିଆଁ ଆଖିରେ
ମୋ ପରି ପ୍ରିୟ ହେବ ସବୁରି ହୃଦୟରେ ...

*****

ପୂର୍ଣ୍ଣାନନ୍ଦ ଭବନ
ନେତାଜୀ ନଗର,
ମଧୁପାଟଣା, କଟକ




ଦେଖାହେଲେ କହିବି ସେ କଥା
ଯଦି ଭେଟ ହୁଏ କେଉଁ ଏକ ଅପହଞ୍ଚ ଇଲାକାରେ
ତୋର ମୋର ସ୍ୱପ୍ନର ତାଜମହଲରେ
ଲେଖା ହେବ ନୂଆ ଏକ କାହାଣୀ
ସେତେବେଳେ ବୁଝିଯିବୁ ତୁ ମନର ଭାଷା......
ମୋ କଜ୍ଜଳ ଲଗା ନୟନରେ
ତୋ ପାଇଁ ଥିବ ଲାଜ ମିଶା ପ୍ରେମ
ଓଠର ଗାଢ ଲାଲ ଲିପିଷ୍ଟିକ ରଙ୍ଗରେ ଥିବ ଅହେତୁକ ଭାଷା
ଦୁଇ ହୃଦୟର ମିଳନରେ
ସୃଷ୍ଟି ହେବ ନୂଆ ଏକ ଇତିହାସ .....
ହୃଦୟ ତନ୍ତ୍ରୀରେ ଦୀର୍ଘ ଦିନଧରି ବସାବାନ୍ଧିଥିବା ନୀଡ ଟି
ପାଇଯିବ ସନ୍ଧାନ ତା'ର ପ୍ରିୟତମର

ଯାହାକୁ ପ୍ରତିଥର ଭେଟେ ଗାଢ ନିଦରେ
ଝାପସା ଆଲୁଅରେ ମୁହଁ ଅସ୍ପଷ୍ଟ ଦିଶେ
ଆସେ ପୁଣି ଲେଉଟି ଯାଏ...
ଆଖି ମଳି ମଳି ଚାହେଁ ନିଦ ମିଶା ଚାହାଣୀରେ
କାହିଁ କେହି କଉଠି ନାହିଁ ତ !
ଶୁନଶାନ ନିଶବ୍ଦ କୋଠରୀ
କେହି ଯେମିତି କହିଯାଏ କାହା ପାଇଁ ଏ ସଜ୍ଞ
ଏ ଉଚ୍ଛ୍ୱାସ ଏଇ ଭାବାବେଗ ?
ଧେତ ଏ ସ୍ୱପ୍ନ ଟା ବି ଭାରି ଅଜବ !!
କେବେ ଦିଏ ସୁଖର ସନ୍ଧାନ
ପୁଣି କେବେ ଭରେ ବିଷାଦ
ତଥାପି ଜିଇବାର କ୍ଷଣିକ ଆଶାରେ
ସ୍ୱପ୍ନରେ ମସଗୁଲ୍ ହୁଏ ଏ ମନ...

*****

ଅଧ୍ୟାପିକା
ତୁଳସୀ ମହିଳା ମହାବିଦ୍ୟାଳୟ
କେନ୍ଦ୍ରାପଡ଼ା



# ମୌସୁମୀ ଓ ଚାଷୀ

ବିଶ୍ୱ ରଞ୍ଜନ ତ୍ରିପାଠୀ

ମୌସୁମୀ ଆସିଲା, ମେଘ ଗରଜିଲା
ବରଷିଲା ଦେଖ ମେଘ ।
ସେ ମେଘକୁ ଦେଖି ଚାଷୀକୁଳ ଯେତେ
ଆନନ୍ଦେ ଯେ ଉଲ୍ଲସିତ ॥

ଉଲ୍ଲାସ ମନରେ ଶସ୍ୟ ଯେତେ ସାଥେ
ହଳ ଲଙ୍ଗଳକୁ ଧରି ।
ଭୂମିକୁ ଖେଦିଣ ଶସ୍ୟ ସବୁକୁ ଯେ
ବୁଣୁଥାନ୍ତି ଧାଡି ଧାଡି ॥

ଶସ୍ୟ ବୁଣା ସାରି ଚାଷୀ ମନେ ଭାବେ
ଏ ବରଷ ରାମ ରାଜ୍ୟ ।
ମନରେ ସୁମରି ଭଗବାନଙ୍କୁ ଯେ

ମାଗୁଥାଏ ସେ ଆଶିଷ ॥

ପ୍ରଭୁଙ୍କ ଆଶିଷେ ଯଦିଫଳେ ସୁନା ଶସ୍ୟ
ସେ ଶସ୍ୟକୁ ବିକି ।
ମନେ ଚିନ୍ତୁଥାଏ ଏବର୍ଷ ନିଶ୍ଚେ
ଶେଷ କରିଦେବି ଅଧା ଥିବା ଘରକାର୍ଯ୍ୟ ॥

ମନରେ ଯେ ରଖି ଅନେକ ଭାବନା
ଚାଷ କାର୍ଯ୍ୟ ହୁଏ ଶେଷ ।
ଶେଷରେ ଫଳାଇ ସୁନାର ଫସଲ
ଚାଷୀ ନହୁଏ ହତାଶ ॥

ଖୁସି ମନେ ତା'ର ଫସଲକୁ କାଟି
ଯେବେ ନିଏ ତାକୁ ବିକି ।
ଅଭାବି ବିକ୍ରିରେ ଘାଣ୍ଟି ହୋଇ ସେତ
ମୂଳେ ମୂଳେ କରେ ବିକ୍ରୀ ॥

ପ୍ରଭୁଙ୍କ କୃପାରୁ ଫଳିଥିଲା ସିନା
ଏବର୍ଷ କ୍ଷେତେ ସୁନା ।
ସେ ସୁନାର ମୂଲ ମିଳିଲାନି ତାକୁ
ଅଭାବି ବିକ୍ରି ତାକୁ ମାରିଲା ॥

ଅଭାବି ବିକ୍ରିକୁ ଆହେ ସରକାର
ନିଶ୍ଚେ ଦିଅ ଟିକେ ଦୃଷ୍ଟି ।
ଚାଷୀ କୁଳ ସିନା ବଂଚିଲେ ସୁଖରେ
ଖାଦ୍ୟ ପାଇବା ଆମେ ନିତି ନିତି ॥

ଏମିତି ଅବସ୍ଥା ଯଦି ଲାଗିରୁହେ,
ଆଉ କିଛି ଦିନପାଇଁ ।
ଦେଖିବ ସରକାର ଚାଷୀ ତ ନଥିବେ
ଲୋଟିଥିବେ ତଳେ ଶୋଇ ॥

ଚାଷୀ ଶୋଇଗଲେ ଖାଦ୍ୟ ନମିଳିବ
ପଡିଯିବ ହା ହା କାର ।
ଭୋକ ଉପାସରେ ଲୋକ ଯେତେ ସବୁ
ଲୁଟିବେ ଅର୍ଣ୍ଣ ଆହାର ॥

ସରକାର ତୁମେ ବେଳଥାଉ ଯଦି
ନେବ କିଛି ପଦକ୍ଷେପ ।
ସେ ପଦକ୍ଷେପ ବଳେ ବଂଚିଯିବ ଚାଷୀ,
ବଞ୍ଚିବ ପୁଣି ଏ ଜଗତ ॥

*****

ଖୋର୍ଦ୍ଧା

# ଅନେକାର୍ଥାସୁର ବଧ



ପୁଣ୍ୟରୂପା ଦାଶ

ଏ ଦୁନିଆଁ କଣ ଜାଣିବ ଆମ ନିବିଡ ସମ୍ପର୍କକୁ  
କେତେ ଯେ ପବିତ୍ର କେତେ ଯେ ନିଷ୍ଛଳ  
ସେ ତ ଅଟ୍ଟାଳିକା ଗଢିଦେବ  
ପ୍ରତିଟି ଶବ୍ଦରେ ଭିନ୍ନ ଅର୍ଥ ଦେଇ  
ପୁଣ୍ୟତୋୟାର ଧାରାକୁ ନୀଚ ଚିନ୍ତାର ଆବର୍ଜନାରେ  
ପଙ୍କିଳ କରିବାର ଶତଚେଷ୍ଟା କରିବ  
କଦର୍ଥ କରିଦେବ ପ୍ରଥମ ଆବୃତ୍ତିରୁ  
ଏଣେ ତେଣେ କରିଦେଇ ସୁଗୁମ୍ଫିତ ଶବ୍ଦମାଲ୍ୟକୁ  
ସମାଜର ସହସ୍ର ଚିତ୍ରକୁ ଶିଳାଖଣ୍ଡେ ଖୋଦୁଖୋଦୁ  
ରକ୍ତ ବି ଦି'ଟୋପା ଝରିଯିବ  
ନିଷ୍ପାପ ଶିଳ୍ପୀଟିର ଛାତିରୁ  
ନା, ନିହାଣ ମୁନରେ ନୁହେଁ

ବରଂ କିଛି ବିକୃତ କଳ୍ପନାର ଶରରେ
ସେମାନେ ତ କହିବେ ତୁମେ ମୋ ଜୀବନର ଚିତ୍ର
ସେମାନେ କି ଜାଣନ୍ତି
ଏଇ ଗୋଟିଏ ଜୀବନ କି ଯଥେଷ୍ଟ
ତୁମକୁ ରୂପ ଦେବା ଲାଗି !!
ସେମାନେ କି ଜାଣନ୍ତି
ତୁମକୁ ଆଙ୍କିବାକୁ
କେତେ ଯେ ଜନ୍ମ ନେଇଛି
କେତେ ଯେ ଉଧାର ଆଣିଛି
ତୁମେ ତ ସୂର୍ଯ୍ୟଙ୍କ କିରଣ ମୁଁ ତ ଛାଇ ପରି ଧାଇଁଛି,
ନଜାଣେ କେତେ ଯେ ଜନ୍ମରୁ ଆଙ୍କିବାର କେତେ ଯେ ଚେଷ୍ଟା କରିଛି,
ଅବିକଳ ଆଙ୍କିବାରୁ କେତେ ଯେ ବିଫଳ ହେଇଛି
ସମ୍ପୂର୍ଣ୍ଣ ହେବା ଆଗରୁ ତୁମକୁ ମିଳିଛି କେତେ ଯେ ଆକୃତି
କେତେ ଯେ ଅର୍ଥ ରେ କେତେ ଯେ ବିକୃତି
ତଥାପି ରହିନି ଏ ଗଂଗା
ସେ କି ହେବ କଳୁଷିତ ମହିଷର କୁଚକ୍ରରେ
ଶୁମ୍ଭନିଶୁମ୍ଭଙ୍କ କୁତ୍ସିତ ଦୃଷ୍ଟିରେ
ଚଣ୍ଡମୁଣ୍ଡଙ୍କ କଦର୍ଥ କାଣ୍ଡରେ

ଲେଖନୀ ମୁଣ୍ଡରୁ ଝରଝର ଝରିଯିବ କାଳି
ଶବ୍ଦରେ ତାଣ୍ଡବ କରି ନିଶବ୍ଦ କରିଦେବ ବହୁ ଅର୍ଥଧାରୀଙ୍କୁ
ଯେଉଁ କିଛି ରକ୍ତବୀର୍ଯ୍ୟ ରହିଯିବେ
କାଳର ଖର୍ପରେ ବିଖଣ୍ଡିତ ହେବ ସେମାନଙ୍କ କର୍ଦ୍ଦମାକ୍ତ ଚିନ୍ତା
ଝରୁଥିବା ପ୍ରତ୍ୟେକଟି ବୁନ୍ଦାକୁ ପିଇନେବେ ରକ୍ତମୁଖା କାଳରାତ୍ରି
ଶେଷରେ ନାଶ ଯିବ ସର୍ବ କଳେଷ
ମୁଁ ନଥିବି, ସେମାନେ ବି ନଥିବେ
ଅନେକାର୍ଥାସୁର ହୋଇଥିବ ବଧ
ଆଉ ତୁମେ,
ନିଷ୍ପାପ ଶବ୍ଦରେ ସଜ୍ଜିତ ପବିତ୍ର ପଦମାଳା ହୋଇ
ଝରିଯାଉଥିବ ଭଗବତୀର ପାଦତଳେ
ଏ କବି ଆତ୍ମାର ଭକ୍ତିଅଞ୍ଜଳି ହୋଇ.....

*****

ବାଲିଘାଟ, ପୁରୀ



# ମାଟି ପେଣ୍ଡୁଳା

ଅଲିଭା ସାହୁ

କେବେ ସିଏ ଧୂଳି କେବେ ସେ କାଦୁଅ
ହାତରେ ଗଢିଲେ କେବେ ସେ ଦିଅଁ ।
ସବୁତ ସମ୍ଭବ ଏ ହାତ ମୁଠାରେ
ମନ ଦେଇ ଅବା ଯଦି ଗଢିପାରେ ।
ଜନ୍ମରୁ ନଥାଏ କିଏ ଧନୀ କି ଗରିବ
କହିହେବ ନାହିଁ କିଏ ଭଲ କି ଖରାପ ।
ସବୁ ଅଟେ ପରା ଆମ କର୍ମଫଳ
ଭଲକର୍ମ କଲେ ମିଳିବ ସୁଫଳ ।
ଛୋଟ ଶିଶୁ ସିଏ ମାଟି ପେଣ୍ଡୁଳା ସମାନ
ଈଶ୍ୱରଙ୍କ ସେତ ଅଟେ ବଡ଼ ଦାନ ।
ଯେମିତି ଚାହିଁବ ସେମିତି ଗଢ଼ିବ
ପିତା ମାତା ହୋଇ ସବୁତ ପାରିବ ।

ଦେଇଥିଲେ ତାକୁ ସ୍ନେହ ଅବା ପ୍ରେମ
କାଲି ସେ ରଖିବ ତୁମର ସମ୍ମାନ ।
କରିଥିଲେ ତାକୁ ମିଠା ଆକଟ
କେବେ ନ ହୋଇବ ସେଯେ ବିପଦ ।
କ୍ରୋଧ ଭରା କଣ୍ଠେ କେବେ ନ ଡାକିବୁ
ସାଙ୍ଗଟିଏ ହୋଇ ତା'ର ପାଶେ ଥିବୁ ।
ଏହି ସବୁ କର୍ମ କରିଥିଲେ ଏବେ
ବୃଦ୍ଧକାଳେ ସିଏ ଥିବ ତୋର ପାଶେ ।
ଜନ୍ମକରି ସିନା ହେବ ମାତା ପିତା
ସାଜିବାକୁ ହେବ ପୁଣି ତା ପାଳନ କର୍ତ୍ତା ।
ଈଶ୍ୱର ଦେଇଛନ୍ତି ସତେ ମାଟି ପେଣ୍ଡୁଳା ସମାନ
ଗଢ଼ିବାକୁ ହେବ ତୋତେ ପୂର୍ଣ୍ଣ କରି ତା ଜୀବନ ।

*****

**ଆନନ୍ଦପୁର, କେନ୍ଦୁଝର**



# ବାୟୁବୀର ରାଫେଲ

ମନସ୍ୱିନୀ ମିଶ୍ର

**କେ**ବେ ଡରି ନାହିଁ ଡରିବ ନାହିଁ ବି
ଭାରତ ମାତାର ବୀର ସଇନ
ଉତ୍ତମ ଜବାବ ପ୍ରତି ଆକ୍ରମଣେ
କରୁଥିବ ସଦା ଶତ୍ରୁର ଲୀନ ॥
ଚୀନ୍ ପାକିସ୍ତାନ ଏକାଠି ହୋଇ
ଅଣ୍ଟା ଭିଡିଛନ୍ତି ଭାରତର କ୍ଷତି କରିବା ପାଇଁ
ତାଙ୍କ କୂଟନୀତି କୁଚକ୍ର କବଳୁ
ରକ୍ଷା କରିବାକୁ ରାଫେଲ ଆସିଛି ଧାଇଁ ॥
ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ
ମିତ୍ର ଫ୍ରାନ୍ସ ଦେଶରୁ ଆଣିଲେ ରାଫେଲ
ଭାରତ ବାୟୁସେନାରେ ଯୋଗ ଦେଇ ତାକୁ
କରିଲେ ଶତ୍ରୁ ଦେଶର ହାଲ ବେହାଲ ॥

ଜୁଲାଇ ସତେଇଶ ତାରିଖେ
ଅମ୍ବାଲା ଏୟାରବେସରେ ଅବତରିଲା ଶକ୍ତିଶାଳୀ ରାଫେଲ
ବିଧିବଦ୍ଧ ଭାବେ ସର୍ବ ଧର୍ମ ପୂଜା ପରେ
ଜୁଲାଇ ଦଶେ ବାୟୁସେନାରେ ହୋଇଲା ସାମିଲ ||
ଶତ୍ରୁ ବିଧ୍ୱଂସକାରୀ ରଫେଲକୁ ଦେଖି
ଚୀନ୍ ପାକିସ୍ତାନର ନିଦ ଯାଇଛି ହଜି ||
ଆକାଶ ପଥରୁ ରହି କରିବ ଶତ୍ରୁ ଶିବିରର ଧ୍ୱଂସ
ରାଫେଲ ସୀମା ସେ ପାରିର
ନଷ୍ଟ କରିବ ଶତ୍ରୁର ବଂଶ ||
ଏକ ମିନିଟରେ ଛଅ ହଜାର ଫୁଟ ଉଚ୍ଚରେ ଉଡି
ଦେହରେ ଚବିଶି ହଜାର ପାଞ୍ଚ ଶହ
କିଲୋ ଯୁଦ୍ଧାସ୍ତ୍ର ଧରି ଆକାଶ ମାର୍ଗରେ ରହି ଆକାଶ,
ସ୍ଥଳର ଶତ୍ରୁକୁ ନାଶିବ
ଶତ୍ରୁ ପକ୍ଷର ରାଡାରକୁ ଜାମ୍ କରିବ ||
ଆକାଶେ ରହି ଶତ୍ରୁ ଉପରେ ରଖି କଡ଼ା ନଜର
ଶତ୍ରୁର ଯୋଜନାକୁ କରିବ ଭଣ୍ଡୁର
ମିଶାଇଲ୍ ମିଟିୟର ସାଥେ ବନ୍ଧୁତା କରି
ଶତ୍ରୁ ଦେଶରେ ଖେଳାଇବା ହାହାକାର ||

*****

ରାଜକନିକା, କେନ୍ଦ୍ରାପଡା



# ଜୟ ମା' ଭୁବନେଶ୍ୱରୀ

ସମ୍ବିତ ସତ୍ୟପ୍ରକାଶ ମିଶ୍ର

ଭୁବନ ମୋହିନୀ ତ୍ରିଲୋକ ପାଳିନୀ
ଜୟ ମା' ଭୁବନେଶ୍ୱରୀ ।୧।
ତ୍ରିଶୂଳ ଧାରିଣୀ ଅଭୟ ଦାୟିନୀ
ଭକ୍ତ ଜନ ରକ୍ଷାକାରୀ ।୨।
ଜଗଦିଶ୍ୱରୀ ମା ସିଂହବାହିନୀ ଗୋ
ହ୍ରିମ୍ ବୀଜ ମନ୍ତ୍ରାକ୍ଷରୀ ।୩।
ଆନନ୍ଦମୟୀ ଗୋ ଶାନ୍ତି ପ୍ରଦାୟିନୀ
ସତ୍ୟ କ୍ଷମା ଦୟାଧାରୀ ।୪।
ଶରଦ ସକାଳେ ଆସ ଗୋ ମାତେ
ସର୍ବ ଶକ୍ତି ହସ୍ତେ ଧରି ।୫।
ଦୁର୍ଗତୀ ନାଶିନୀ ଦୁଷ୍ଟ ହରୁଥାଅ
ଯୁଗେ ଯୁଗେ ଅବତରି ।୬।

ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ରୂପରେ

ଧରା ଧାମେ ଅବତରି ।୭।

ଚନ୍ଦ୍ର ଘଣ୍ଟା ତୁମେ କୁଷ୍ମାଣ୍ଡା ରୂପରେ

ଷଡ଼ ରିପୁ ନାଶ କରି ।୮।

ସ୍କନ୍ଧ ମାତା, କାତ୍ୟାୟନୀ, କାଳରାତ୍ରି ରୂପ ତୁମ ସୁଶୋଭିତ

ସିଦ୍ଧି ଦାତ୍ରୀ ମା'ଗୋ ତୁମ ଶ୍ରୀ ଚରଣେ କରୁଥାଏ ପ୍ରଣିପାତ ।୯।

*****

**ଗୁଡ଼ିଆନାଳୀ, ଢେଙ୍କାନାଳ**



# ତୁମକୁ...

ସୁଚିସ୍ମିତା ବେହୁରିଆ

**ଦୋ**ହଲାଇ ଦେଇଛ ମୋ କୋମଳ ହୃଦୟକୁ
କେଉଁ ଏକ ଅଜଣା ମୁହୂର୍ତ୍ତରେ,
ଭରି ଦେଇଛ ମନେ, ଫଗୁଣର ଫଗୁ, କୋଇଲିର କୁହୁ
ଦେଖାଇଛ ସବୁଜ ସ୍ୱପ୍ନ,
ବଢାଇଛ କିଶୋରୀ ପ୍ରାଣର ସ୍ପନ୍ଦନକୁ
ଡେ଼ଇଁଚି ମୁଁ ଆକଟର ପାଚେରୀ,
ସହିଛି ତମ ଲାଗି ନିନ୍ଦା, ଘୃଣା, ଅପବାଦ,
ତଥାପି ପଛକୁ ଫେରି ଚାହିଁନି, ଚାହିଁବିନି
ଆଶା, ନିରାଶାର ଏତ ଅସରନ୍ତି ଯାତ୍ରାର ଯନ୍ତ୍ରଣା
ପାଇବାର ସ୍ୱପ୍ନ ଅଛି,
ମୋ ପ୍ରେମ ହୋଇପାରେ ଅର୍ଘ୍ୟ ହୀନ ସଳିତା

ଜଳୁଛି, ଜଳୁଥିବି...ଭଲ ମୁଁ ପାଇଛି ତୁମକୁ...

ପାଉଥିବି ଜୀବନର ଶେଷ ନିଶ୍ୱାସ ଯାଏ ।

*****

ଗାଜିଆବାଦ୍



# ହତଭାଗା

ରାଧାମୋହନ ପୂଜାହାରୀ

**ଦୀ**ନହୀନ ଜରାଜୀର୍ଣ୍ଣ
ପଥ ପ୍ରାନ୍ତେ କରୁଥାଏ
ବିଷାଦରେ ବିଚରଣ
ମୁଣ୍ଡ ଝାଳ ତୁଣ୍ଡେ ମାରି
ଝୁଲା ବସ୍ତା କାନ୍ଧେ ଧରି
ଖୋଜୁଥାଏ ପ୍ରତିଦିନ
ପ୍ଲାଷ୍ଟିକ ଡବା ଓ ଟିଣ
ମନେ ଥାଏ ଉତ୍କଣ୍ଠା
ପେଟ ପାଇଁ ଦୁଇ ମୁଠା
ଅସଫଳ ହୁଏ ସିନା
ମରେ ନାହିଁ ଭୋକ ବିନା
ବଢ଼ିଚାଲେ କର୍ମ ପଥେ

ଆସ୍ଥା ରଖେ ଧର୍ମ ପଥେ
ବିଶ୍ୱାସ ରଖେ ଦୃଢ଼କରି ମନ,
ଅସହାୟେ ସାହା ଖୋଜେ
ବଞ୍ଚିବାର ରାହା ଖୋଜେ
ବୋଧେ ଏହା ହିଁ ତା' ଜୀବନ ।
ମରି ମରି ବଞ୍ଚୁଥାଏ
ଯାହା ପାଏ ସଞ୍ଚୁଥାଏ
ଆଶା ଥାଏ ନିଶ୍ଚୟ ପାଇବ
ଦୁଇ ଓଳି ଦୁଇ ମୁଠା
ପେଟ ଭରି ଖାଇବ
କିନ୍ତୁ ବିଧିର ବିଧାନ
କେ କରିବ ଆନ
କ୍ଷୁଧାର ଯନ୍ତ୍ରଣାରେ ସେ
କରେ କରୁଣ କ୍ରନ୍ଦନ
ବହୁ କଷ୍ଟେ ତୃଷାର୍ତ୍ତ କଣ୍ଠେ
କରେ ନିବେଦନ
ଅନ୍ଧ ମୂକ ଏ ସମାଜେ
ଅନ୍ତ ହୁଏ ମାନବିକତାର

ମରିଯାଏ ବିବେକ ଓ
ଜନ୍ମ ହୁଏ ପାଶବିକତାର ।
ଲୀନ ହୁଏ ଅଭାଗାର
ଆକୁଳ ଚିତ୍କାର
ମର୍ମାହତେ ସମାଜକୁ
କରେ ସେ ଧିକ୍କାର
ଭାଗ୍ୟକୁ ଆଦରି ସେ
ପଡ଼ି ରହେ ମୃତ ପ୍ରାୟ
କଳୁଷିତ ସମାଜରେ
କାହାର ଏ ଦାୟ ?
ଭୋକର ଦାବାନଳେ
ଆଖି ବୁଜି ଦିଏ ସେ
ପ୍ରକୃତିର କୋଳେ
ଜନ୍ମିଥିଲା ଏ ସଂସାରେ
ହୋଇ ସେ ଆଭାଗା
କଳୁଷ ଏ ସମାଜେ ତା
ପରିଚୟ "ହତଭାଗା" ।

***** ସୁବର୍ଣ୍ଣପୁର





# ସ୍ୱପ୍ନ ଓ ବାସ୍ତବତା

ଜ୍ୟୋତି ପ୍ରକାଶ ସାହୁ

**ଆ**ଶାର ଭସା ବାଦଲ ଓ ଅସ୍ପଷ୍ଟ ଅଜଣା ଚେହେରା
ଚିହ୍ନା ଚିହ୍ନା ଓ ନିଜର ନିଜର ଲାଗେ ।
ଯେବେ ପାହାନ୍ତା ନିଦରେ, ସ୍ୱପ୍ନର ଲହରୀ
ମନର ବେଳାଭୂମୀରେ, ନିଜକୁ ଭାଙ୍ଗେ ॥
ଅନେକ ଅକୁହା ଅବର୍ଣ୍ଣନୀୟ ପରିଭାଷା
ହୃଦୟର ପରିସୀମାରୁ, ନିବୃତ ହେବାକୁ ଚେଷ୍ଟାକରେ ।
ଆଉ ଅନେକ ଆଶାର ପାହାଡ ଓ ବିଶ୍ୱାସର ବାଲିଘର
ବାସ୍ତବତାର ଗଭୀରତାରେ, ନିଜକୁ ଖୋଜିବାକୁ ଚେଷ୍ଟାକରେ ॥
ଏଇତ ଏକ ଛୋଟ ଅନୁଭୂତି, ସ୍ୱପ୍ନ ଓ ବାସ୍ତବତାର
ଯାହା କିଛି କ୍ଷଣ ପାଇଁ, ସତ ବୋଲି ଲାଗେ ।
ଯେବେ ପାହାନ୍ତା ନିଦରେ, ସ୍ୱପ୍ନର ଲହରୀ
ମନର ବେଳାଭୂମିରେ, ନିଜକୁ ଭାଙ୍ଗେ ॥

*****

କାମାକ୍ଷାନଗର, ଢେଙ୍କାନାଳ



# ନିଷ୍ଠୁର ସମୟ

କାହ୍ନୁ ଚରଣ ସାହୁ

ଏ ସମୟ

ଖୁବ ଦଗାଦିଆ

ବୁଝେନି ପରିଶ୍ରମର ମୂଲ !

ବୁଝିପାରେ,

କିନ୍ତୁ ସବୁ ଦେଖି ତୁନିରହେ

ନଚେତ ସବୁ ପରିଶ୍ରମର

ମିଳି ଯାଆନ୍ତା ମୂଲ !

ହଜିଯାଏ ସ୍ୱପ୍ନ

ଭିଜିଯାଏ ଆଖି

ସମୟ ହିଁ ଏହାର ମୂକସାକ୍ଷୀ

ତଥାପି ନିଷ୍ଠୁର ସମୟ

ଦେଖି ଅପରିଚିତ ପରି କରେ ଅଭିନୟ !

ହେ ସମୟ !
ଜାଣେ ତୁମର ଫରକ ପଡିବନି
ତୁମେ ତ ସର୍ବ ଶକ୍ତିମାନ
କେତେ ଗଢ଼, କେତେ ଭାଙ୍ଗ
ହିସାବ ନାହିଁ ତାର....
ହେଲେ ଗୋଟିଏ ମନ ନ ଭାଙ୍ଗିଲେ
କ'ଣ ରହିପାରନି ?
ସତରେ ତୁମେ କେଡେ ନିଷ୍ଠୁର ସମୟ !!

*****

**ସମ୍ପାଦକ: ସୃଷ୍ଟି ସମ୍ଭାର**
**ପଣ୍ଡକାମାଳ, ମ.ରାମପୁର,**
**କଳାହାଣ୍ଡି**



# ଓଦା ଓଦା ଆଖି ଓ ନିଦା ନିଦା ସ୍ୱପ୍ନ

ପ୍ରଜ୍ଞା ପାରମିତା ମହାନ୍ତି

ଓଦା ଓଦା ଆଖିରେ କିଛି ନିଦା ନିଦା ସ୍ୱପ୍ନ,
କିଛି ଫିକା ଫିକା ଅନୁଭୂତି,
ଅନୁଭୂତିରେ ରଙ୍ଗ ମାଖି ସାକାର କରିବାର
ତୂଳିଟା ବୋଧ ହୁଏ କେଉଁଠି ଥୋଇ ଦେଇଛି ।
ରେଶମ କପଡ଼ାର ମଖମଲି ଶେଯରେ ଘୁମେଇ ପଡିଛି ସେ ।
ଅଥଚ, କାନଭାସଟା ପାଉ ନାହିଁ !
ରଙ୍ଗଡବା ଗୁଡାକ ବି ଧରା ଦେଉ ନାହାନ୍ତି ଆଉ,
ରଙ୍ଗ ଛାଡି ଆସିଲାଣି ଜୀବନରୁ,
ମଳିନ ପଡିଗଲାଣି ସ୍ମୃତି ।
କେଜାଣି ! ନୀଳବର୍ଣ୍ଣ ଶୃଗାଳ ପରି
ନ ହେଇ ଥିବ ସେ ନିଦା ନିଦା ସ୍ୱପ୍ନ ସବୁ !
ସ୍ୱପ୍ନଗୁଡିକ ଜୀବନ ବୃକ୍ଷରେ ଓହଳୁ ଅଛନ୍ତି ଯା'

ଓଲଟ ବୃକ୍ଷରେ ଲୋଟଣି ପାରା ପରି,

ଗଛ କେବେ ଉପୁଡି ପଡିବ ଓ

ତା' ସହ ପାରା ବି ଉଡିଯିବ ।

ଚୂଲି-ନିଆଁର ଏ ଡହଡହ ସଂସାରରେ

ବେଳେ ବେଳେ ରଙ୍ଗ ମଖା ସ୍ୱପ୍ନର ଆହ୍ୱାନ ବି

ଭାରିପଡୁଛି ଲୋ-ରେବ, ଲୋ-ନିଆଁ, ଲୋ-ଚୂଲିର ଡାକରୁ ।

ରେବ ତ ନାହିଁ, ଚରୈବତିର ଦ୍ୱାହିରେ ଯାହା ଜୀବନଟା ଚାଲିଛି ଆଜି ।

*****

**ବଳଗଣ୍ଡି ସାହି, ପୁରୀ**



# ତୁମେ ଜାଣିଛ

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ୍

**ସ୍ୱ**ପ୍ନ ବେଳେବେଳେ ଦୁଃସ୍ଥିତି ସମୀପେ
ଦେଇଦିଏ ଆତ୍ମାହୁତି,
ନିରନ୍ଧ୍ର ତିମିରେ ଗାଇଓଠେ ଓଠ
ବିରହ ବିଧୁରା ଗୀତି ।୧।

ବାସର ମୋହର ତପତ ଧୂସର
ନିତି ଅମାବାସ୍ୟା ରାତି,
ପ୍ରହରର କଥା କି ଅବା କହିବି
ଉଦାସୀ ସଞ୍ଜ ପାହାନ୍ତି ।୨।

ନିୟତି ଆଦେଶେ ଓଠ ପିଏ ଲୁହ
ଫାଟିଯାଉଥାଏ ଛାତି,
ତଥାପି ଏବେ ସେ ଟିକି ଛାତି ତଳେ

ରଖିଛି ସ୍ମୃତି ସାଇତି ।୩।

କୋରକିତ ସ୍ୱପ୍ନ ଫୁଟି ଝରିପଡେ
ଏଇତ ଦୁନିଆଁ ରୀତି,
ନଶ୍ୱର ଲୀଳାକୁ ଦେଖି ଆସିଲିଣି
ଆଉ ଏବେ ନାହିଁ ଭୀତି ।୪।

*****

**ସହଦେବଖୁଣ୍ଟା, ବାଲେଶ୍ୱର**



# ଆକାଂକ୍ଷା

ମିନତି କୁମାରୀ ଦାସ

ଅସ୍ତରାଗର ଆଭାସ

ଆସନ୍ନ ରଜନୀ

ସଦ୍ୟ ଶେଫାଳୀର ଭୁରିଭୁରି ସୁଗନ୍ଧ

ମନ୍ତ୍ରବତ୍ ବିଶ୍ରାମରତ ଜଗତ

ସ୍ୱପ୍ନ ବିଭୋର, ଚେତନା ରହିତ

ସେଇ ଗୋଟିଏ ଆକାଂକ୍ଷା

ପୁଣି ଗୁଞ୍ଜରି ଉଠିବ କାକଳି

ଚକ୍ଷୁ ମଳିବା ମଧ୍ୟରେ ଦୃଶ୍ୟମାନ ହେବ

ପ୍ରଭାତର ସୁନେଲୀ ଅଗଣା

ଉଷା ବଧୂଙ୍କ ନୂପୂର ଧ୍ୱନିର ତାଳେ ତାଳେ

ହଟିଯିବ ସର୍ବରୀର ରାଜୁତି ।।

କୋଟିସିଂହ ପରାକ୍ରମ

ଠାଣି, ବାଣୀରେ ଅଦମ୍ୟ ସାହସ
ପଦେପଦେ ବୀରତ୍ୱର ଗାଥା
ଜନ୍ମଭୂମି ଜନନୀଙ୍କ ଚରଣ ବନ୍ଦନା
ସୂଚ୍ୟଗ୍ର ମେଦିନୀ ବିନିମୟରେ
ଟଳିପଡୁ ଶରୀର, ବିସର୍ଜନ ହେଉ ପରାଣ
ସେଇ ଗୋଟିଏ ଆକାଂକ୍ଷା
ଭୀରୁ ନୁହଁ ବୀର ମୁଁ ଯେ
ନାହିଁ ମୋ ଜାତକେ ରଣକ୍ଷେତ୍ର ଦମନ
ହଁ ହଁ ମୁଁ ଫେରିବି
କାନ୍ଧରେ ହୁଦା ଓ ବନ୍ଧୁକ
ତୁଣ୍ଡରେ ଦେଶ ଜୟଧ୍ୱନୀ
ଜୟ ଯବାନ୍ ଜୟ ଯବାନ୍ ଜୟ ଯବାନ୍
ଶୋଇଯାଅ ନିଶ୍ଚିନ୍ତେ ସମସ୍ତେ
ମୁଁ ଜାଗ୍ରତ, ସୁରକ୍ଷିତ ସୀମାନ୍ତ ॥
ଶତାବ୍ଦୀର ଦାରୁଣ ସଙ୍କଟ
ଅଦୃଷ୍ଟପୂର୍ବ ଶକ୍ତିର ଅବତରଣ
କବଳିତ ସମଗ୍ର ବସୁଧା
ଦ୍ୱାପରର କୋକୁଆ ସତେ କ'ଣ

ପ୍ରତ୍ୟାବର୍ତ୍ତନ କରିଛି କଳିରେ ?
ରୋଗ ସନ୍ତପ୍ତ ବିଶ୍ୱ ଜୀବନ
ଦୁର୍ଦ୍ଦିନର କରାଳ ଜିହ୍ୱା
ଆତଙ୍କର ଏକଛତ୍ରବାଦ
ମୃତ୍ୟୁର ରଣ ହୁଙ୍କାର
ତଥାପି ସେଇ ଗୋଟିଏ ଆକାଂକ୍ଷା
ନିରାମୟ ମଙ୍ଗଳ ମୂହୁର୍ତ୍ତ ଅଦୂରେ
ପରତ ଶୁଭ ଲଗ୍ନର ପୂର୍ବାଭାସ
ଲେଉଟିବ ପୂର୍ବ ଶିରୀ
ସଜାଡି ହେବ ଉଜୁଡା ପୃଥିବୀ
ହେଲେ.......
ହେଲେ ହୃଦୟରେ ଖାଲି ଆଙ୍କି ହୋଇଯିବ
ମହାମାରୀର ବିକଟାଳ ରୂପ,
ତା'ରି ସୁଅରେ ଭାସିଯାଇଥିବା ଆତ୍ମୀୟମାନେ,
ହଜି ଯାଇଥିବା ବିଂଶୋତ୍ତର ପୃଥିବୀର
ଅର୍ଥନୀତି, ଉନ୍ନତ ଓ ସ୍ୱଚ୍ଛନ୍ଦ ଜୀବନ ॥

*****

**ରାଜୀବ ନଗର, ଗଞ୍ଜାମ**



# ଠିକଣା

ହୃଦୟାନନ୍ଦ ପଧାନ

ହଜି ଯାଇଥିବା ଠିକଣା ସତରେ କେବେ ମିଳେନି
କି ଭାଙ୍ଗି ଯାଇଥିବା ହୃଦୟବି କେବେ ଯୋଡି ହୁଏନି ।
ଧର୍ମପଦ ବି ଦିନେ ଚାଲିଗଲା ଠିକଣା ନଦେଇ
ରଖିଗଲା ତା ସ୍ମୃତିର କୋଣାର୍କ ଟିକିଏ ହସେଇ ।
ସେଦିନ ବି ଖୋଜୁଥିଲା କର୍ଣ୍ଣ ଆକାଶକୁ ଅନାଇ
ତା' ଜନ୍ମ ବୃତାନ୍ତର ଠିକଣା କିନ୍ତୁ ପାଇଲା ନାହିଁ ।
କେତେ ଯେ ଆଜି ସତେ ନିଷ୍ପେସିତ-ଅବହେଳିତ
ନିଜ ନିଜ ଠିକଣା ହଜେଇ ପୁଣି କାହିଁକି କଳଙ୍କିତ ।
ସମସ୍ତେ ଆଜି ଦିଶାହରା ଠିକଣା ନ ପାଇ
କିଏ ଖୋଜ ମା'କୁ ତ କିଏ ପୁଣି ବାପା-ଭାଇ ।
କୋଉଠି ମିଳେ ଠିକଣା ତ କୋଉଠି ମିଳେନି
କେବଳ ଆଶା ନିରାଶାର କରୁଣ କ୍ରନ୍ଦନ ଧ୍ୱନି ।

କେହି ଜଣେ ଯଦି ପଚାରେ ଭଗବାନ କେଉଁଠି
ତାଙ୍କୁ କେଉଁ ଠିକଣା ଦେବି ମନ୍ଦିର ନା ମସଜିଦ୍ ।

*****

ଅମରପାଲି, ସୁବର୍ଣ୍ଣପୁର



# ଜୀବନ ସହ ସନ୍ଧି

ପ୍ରୀତିସୀମା ସ୍ୱାଇଁ

ଜୀବନ ବି ଝୁଣ୍ଟି ପଡ଼େ ବେଳେ ବେଳେ
ଅକ୍ସିଜେନ ଅଭାବରେ
ବରାବର୍ ସନ୍ଧିକରେ ପ୍ରାଣ ବିକଳରେ
ନିଦ ସହ ସନ୍ଧି ଟିକେ ସ୍ୱପ୍ନ ପାଇଁ
ସ୍ୱପ୍ନ ସହ ସନ୍ଧି ଥରେ ତାକୁ ଦେଖିବା ପାଇଁ
ତାର ସତ୍ତା ଆଉତ ନାହିଁ
ଖୋଜିଲେ ମିଳିବ କାହିଁ ?
ମୁଠା ମୁଠା ପାଉଁଶରେ ମିଳେଇ ଯାଇଛି
ବଡ଼ ବଡ଼ ମେଘ ଟୋପା ଧୋଇ ନେଇଛି
ସେ ତ ମିଶିଯାଇଛି ଦୁର ଆକାଶରେ
ତାରା ପରି ଦପ୍ ଦପ୍ ଜଳୁଛି
ସଞ୍ଜ ହେଲେ, ଆଖି ମିଟିକା ମାରି

ପାଖକୁ ଡାକେ, ଗଛ ସନ୍ଧିରୁ ଦେଖେ
ଘଡ଼ିଏ ଦୁଇ ଘଡ଼ି ତା' ସହ ଚୁପ୍ ଚୁପ୍ କଥା
ତାପରେ ସବୁ ନୀରବ,
ମେଞ୍ଚା ମେଞ୍ଚା ଶୂନ୍ୟତା ଘୋଟିଆସେ
ଥରଥର ଓଠରେ ଗପୁ ଗପୁ ଘୁମେଇ ଯାଏ
ନିଦ ସ୍ୱପ୍ନ ସବୁ ଚଢ଼ାଦରରେ ସନ୍ଧି କରନ୍ତି
ସେ ବି ନିରୁପାୟ, ସନ୍ଧିରେ ରାଜି ହୁଏ
କେହି ଜଣେ ଛାଡିଗଲେ ବି ଜୀବନ ଛାଡେନି
ଟାଣି ଟାଣି ଆଗକୁ ନିଏ, ବଞ୍ଚିବାକୁ ହୁଏ
ସୁଖ ହେଉ ଅବା ଦୁଃଖରେ
ଲୁହପିଇ ଅବା ଲହୁ ଦେଇ
ସେ ସଂଧିକରେ ଜିଇଁବା ପାଇଁ ।

*****

ଆନନ୍ଦପୁର, କେନ୍ଦୁଝର



# ଭୋକ

ସରୋଜିନୀ ମିଶ୍ର

ଭୁଲ୍ ତତେ ଦେବି ନାହିଁ
ଝରକା ଫାଙ୍କରେ ଚାନ୍ଦିନୀ ରାତିରେ
ଆଙ୍କୁଥିଲି ତୁମ ଛବି
ଜାଣିପାରିଲିନି ମେଘ ପଣତରେ
ଗଲା କେବେ ଜହ୍ନ ଢାଙ୍କି ॥
ଚାହୁଁ ଚାହୁଁ ପୁଣି ଆଲୁଅ ହଟିଲା
ଅମାନିଶି ଗଲା ଘେରି
ଅଧା ରହିଗଲା ତୁମ ପଟଚିତ୍ର
ପାରିଲିନି ପୁରାକରି ॥
ଆଶା କେତେ ମୋର ଅଧା ରହିଗଲା
ଜହ୍ନକୁ ଭରଷା କରି
ନୀଳ ଆକାଶର ବାଦଲ ଫାଙ୍କରେ

ତାରା ହସେ ଆଖି ଠାରି ॥
କୋହ ଭରା ମନ ଭିଜା ମୋ ନୟନ
ଆତୁରେ ରହିଛି ଚାହିଁ
ସୁଲୁ ସୁଲୁ ବାଆ କହିଯାଏ କାନେ
ବିଧିର ବିଧାନ ଏହି ॥
ଅମା ଅନ୍ଧକାର ନାଶିବା ପାଇଁକି
ଗଢିଲେ ତତେ ଈଶ୍ୱର
ମାମୁଁ ହୋଇ ପୁଣି ଜଗତ ଜନଙ୍କ
ଦୁଃଖ କରୁଥିଲ ଦୂର ॥
କୋଟି ତାରା ମଧ୍ୟେ ଏକ ତାରା ତୁମେ
ବିଶ୍ୱ କର ପ୍ରଜ୍ୱଳିତ
ପନ୍ଦର ଦିନରେ ତୁମ ଆଗମନେ
ଧରା ହୁଏ ଉତ୍ଫୁଲିତ ॥
ତୁମ ଆଗମନେ ହୃଦସ୍ପନ୍ଦନରେ
ଅଙ୍କୁରିତ ହୁଏ ପ୍ରେମ
କଳା ବାଦଲର କିବା ଦୋଷ କଲି
ଭାଙ୍ଗି ଦେଲା ସବୁ ସ୍ୱପ୍ନ ॥
କାଳର କରାଳ ଚକ୍ରବ୍ୟୁହ ଭେଦି

ଆଗକୁ ଯାଇନି କେହି
ଯାହା ଘଟିଗଲା ଭୁଲ୍ ମୋର ଥିଲା
ଭୁଲ୍ ତତେ ଦେବି ନାହିଁ ॥

*****

ରାଜକନିକା, କେନ୍ଦ୍ରାପଡ଼ା



# ଦୁଃଖ

ସୁବାସ ଚନ୍ଦ୍ର ମୁଦୁଲି

ଏତେ ସୁଖ ମୋତେ ଦେଏନା କାଳିଆ
ସୁଖକୁ ମାଡୁଛି ଡର
ସୁଖରେ ସୁମରି ପାରୁନାହିଁ ତତେ
ଦୁଃଖ ଦେ ନିରନ୍ତର ।
ଯାହାକୁ ତୁ ଦୁଃଖ ଦେଇଛୁ କାଳିଆ
ଆପଣାର ସିଏ ତୋର
କାହା କଥା ତୋତେ କହିବି ମୁଁ ଆଉ
ତୋତେ କିବା ଅଗୋଚର ।
ଜଳସ୍ଥଳ ବନ ଗିରି ଆକାଶରେ
ଯେତେକ ଅଛନ୍ତି ଜୀବ
ଟେକି ଦେଇ ହାତ ଯେ ଡାକେ ଯେମନ୍ତ
ଆପଦ ବିପଦ ବେଳେ ।

ଠିଆ ତୁ ହୋଇଛୁ ଆପଣାର ପଣେ
ଦୁଃଖ ତୁ ହାରିଛୁ କେତେ
ସେ ଦୁଃଖ ମୋତେ ପରପାତ ହେଉ
ଡାକୁଥିବି ମନଭରି
ଉଦ୍ଧର ବୋଲି କହିବିନି କେବେ
ତୁଣ୍ଡ ମୋର ଖୋଲିକରି ।

*****

ସମ୍ବଲପୁର



# ପହିଲି ବର୍ଷା

ପ୍ରତିଭା ପ୍ରଧାନ

ପ୍ରକୃତି ଆଜି ଆନନ୍ଦେ ଉଚ୍ଛୁଳେ
ନିଦାଘର ଅବସାନେ,
ହର୍ଷିତ ସ୍ୱରରେ ଗୀତ ଗାଏ ସିଏ
ବର୍ଷାର ଆଗମନେ ।୧।

ପରାକ୍ରମୀ ବର୍ଷା ପରାସ୍ତ କରିଛି
କଠୋର ଗ୍ରୀଷ୍ମକୁ ଆଜି,
ପରାଜିତ ହୋଇ ପଳାତକ ସାଜି
ନିଦାଘ ଯାଇଛି ହଜି ।୨।

ପହିଲି ବର୍ଷାର ପହିଲି ସ୍ପର୍ଶରେ
ଧରା ହୁଏ ରସାଣିତ,
ହରିତ ଶାଢ଼ୀକୁ ପରିଧାନ କରି

ହୁଏ ପୁଣି ସୁଶୋଭିତ ।୩।

ପହିଲି ମେଘର ସ୍ପର୍ଶରେ ଛୁଟୁଛି
ଭିଜା ମାଟିର ବାସ୍ନା,
ଲକ୍ଷ ଲକ୍ଷ ଜୀବ ଜୀବନ୍ୟାସ ପାଇ
ମେଣ୍ଟାଉଛନ୍ତି ଯେ ତୃଷ୍ଣା ।୪।

ଗଗନ ପୃଷ୍ଠର ବକ୍ଷ ଚିରି ଆଜି
ଜଳବିନ୍ଦୁ ପଡ଼େ ଝରି,
ପ୍ରାଣ ଶୂନ୍ୟ ତରୁ ହୁଅନ୍ତି ଜୀବନ୍ତ
ପତ୍ର, ଫୁଲ, ଫଳ ଭରି ।୫।

ନୀଳାଭ ଗଗନ ସଜେଇ ହୋଇଛି
ପିନ୍ଧି ସପ୍ତରଙ୍ଗ ଚୁଡି,
ତାହାରି ବକ୍ଷରେ ବିହଙ୍ଗମ ଦଳ
ଆନନ୍ଦେ ଯାଆନ୍ତି ଉଡି ।୬।

ପୁଚ୍ଛକୁ ମେଲାଇ ମୟୂର ଯେ ନାଚେ
ବେଙ୍ଗ କରେ କେଁ କଟର,
ପ୍ରଜାପତି ଉଡ଼େ ଫୁଲରୁ ଫୁଲକୁ

ଝିଙ୍କାରି କରେ ଯେ ଝଙ୍କାର ।୭।

ପ୍ରୀତି ଶ୍ରାବଣର ପହିଲି ଆଭସେ
ମନ ହୁଏ ଆଭାସିତ,
ପ୍ରକୃତିର ଏହି ଶୋଭା ସୌନ୍ଦର୍ଯ୍ୟରେ
ହୁଏ ମନ ଉଲ୍ଲସିତ ।୮।

*****

**ପୁରୀ**



# ମା' ଦଶଭୁଜା

ସରିତା ନନ୍ଦ

**ମା'** ଗୋ ଦଶଭୁଜା ଜଗତଜନନୀ
ମା' ଗୋ ଦୁର୍ଗତିନାଶିନୀ,
ଆଶ୍ୱିନ ମାସରେ ତୋର ଆବିର୍ଭାବେ
ହସି ଉଠେ ଏ ଧରଣୀ ।

ପଲ୍ଲୀ ପ୍ରାନ୍ତରରେ ଧାନ ବିଲ ହୁଡେ
କାଶତଣ୍ଡୀ ଫୁଲ ନାଚେ,
ଗଙ୍ଗ ଶିଉଳିର ବାସ ଛୁଟୁଅଛି
ତୋର ଆଗମନେ ସତେ ।

ଧରଣୀରାଣୀ ଯେ ସଜେଇ ହେଉଛି
କରିବାକୁ ତୋ ସ୍ୱାଗତ,
ମା' ପରା ଆଜି ପାଖକୁ ଆସୁଛି

ଫେଡିବାକୁ ଆମ ଦୁଃଖ ।

ଦେବ ଦେବ ମହାଦେବ ପ୍ରଭୁଙ୍କର
ତୁହି ଅଟୁ ଅର୍ଦ୍ଧାଙ୍ଗିନୀ,
ମହିଷ ଅସୁର ମାରି
ହେଲୁ ମହିଷାମର୍ଦ୍ଦିନୀ ।

ସିଂହର ପୃଷ୍ଠରେ ବସି
ପୂଜାପାଉ ତୁହି,
ସର୍ବ ଶକ୍ତି ତୋର ଠାଏ
ଅଛି ଠୁଳ ହୋଇ ।

ଦେବି ଶକ୍ତି ମହାଶକ୍ତି
ଆଦି ପରା ଶକ୍ତି,
ଦଶଭୁଜା ନାମେ ତୋର
ଜଗତରେ ଖ୍ୟାତି ।

ଶଙ୍ଖ ଚକ୍ର ଗଦା ତ୍ରିଶୂଳ
ତୋର ଅଟେ ଅସ୍ତ୍ର ଶସ୍ତ୍ର,
ଦିବ୍ୟ ତୋର ସେହି ରୂପ
ମନୁ ହରେ କଷ୍ଟ ।

ନବରାତ୍ରି ପୂଜାରେ ମା
ନଅ ରୂପେ ତୋର ଅବତାର,
ପୂଜା କରି ଭକ୍ତ ଜନେ
ଲଭେ ପାରାବାରା ।

ତୃତୀୟ ନୟନୀ ମା’ ଲୋ
ନାମ ତ୍ରିୟମ୍ବିକା,
ପାପ ନାଶି ଧରାକୁ ତୁ
ରଖ ଶୈଳସୁତା ।

କ୍ଷୁଦ୍ର ନର ଅଟେ ମୁହିଁ
ଜାଣେ ନାହିଁ ଭକ୍ତି,
ତୋର ଗୁଣ ବର୍ଣ୍ଣିବାକୁ
ନାହିଁ ମୋର ଶକ୍ତି ।

ଦୋଷଥିଲେ କ୍ଷମା ଦେବୁ
ମା’ ଗୋ ଜଗତଜନନୀ,
ଅବୋଧ, ଅଧମ ମୁଁ ଯେ
ଘେନ ମୋ ଦୟିନୀ ।

*****

**କୁଞ୍ଜୀକାନ୍ତ, ଢେଙ୍କାନାଳ**

# ଗଦ୍ୟ ବିଭାଗ

*" ଦେଖାଯାଏ ଦୁନିଆଁରେ ଅନେକ ପୁତ୍ର ବିଭାହେବା ପରେ ପିତାମାତାଙ୍କ ଠାରୁ ଭିନ୍ନ ହୋଇଯାଉଛନ୍ତି । ବୃଦ୍ଧ ପିତାମାତାଙ୍କୁ ଖାଇବା-ପିନ୍ଧିବା ପାଇଁ ଦେଉନାହାଁନ୍ତି । ସେମାନେ ମାଛ-ମାଂସ ରାନ୍ଧିବା ଦ୍ୱାରା ବାସ୍ନା ହୁଏ । ସେଥିରେ ବୁଢା-ବୁଢୀଙ୍କର ଆଶା ଜନ୍ମିବା ସ୍ୱାଭାବିକ ହୋଇଥାଏ । ମାତ୍ର ସେହି ଆଶା ସେହି ଅନ୍ଧକାର ରାତ୍ର ମଧ୍ୟରେ ନିରାଶାରେ ପରିଣତ ହୋଇଯାଏ । ଏ ଭଳି ପୁତ୍ର ଆବଶ୍ୟକ କ'ଣ ? ସେ ପିଣ୍ଡ ଦାନ ଦେଲେ କିଏ ପାଏ ?"*

**- ଲଳିତକବି ଧ୍ରୁବ ଚରଣ ସ୍ୱାଇଁ**



# କାଠ କଣ୍ଢେଇ

ତପସ୍ୱିନୀ ଦାଶ ଷଡଙ୍ଗୀ

**ନୀ**ରବରେ ଜୁଇର ଶେଯରେ ପରମ ଶାନ୍ତିର ନିଦରେ ଶୋଇ ରହିଥିଲା ମୁକ୍ତା । ହୁଏତ ଚାରି ପାଞ୍ଚ ବର୍ଷ ହେଲା ଯେମିତି ତା' ଆଖିର ପଲକ ଟୋପେ ପଡ଼ିନଥିଲା । ମଶାଣିର ଭୂଇଁରେ ମୁଣ୍ଡ ପିଟି କାନ୍ଦୁଥିଲେ ବାପା ତା'ର । ତା'ବାପା ଗରୀବ ହେଲେ କ'ଣ ହେଲା ଝିଅକୁ ଭଲ ଶିକ୍ଷା ସଂସ୍କାର ଦେଇ ବଡ଼ କରିଥିଲେ । ସବୁ ବାପାଙ୍କ ପରି ତା ବାପାଙ୍କର ବି ସ୍ୱପ୍ନ ଥିଲା ଝିଅକୁ ବଡ଼ ଘର ଭଲ ଘର ଦେଇ ବାହା କରିବେ । ସେଥିପାଇଁ ତ ନିଜ ଅନ୍ତରଙ୍ଗ ବନ୍ଧୁ ଆଣିଥିବା ପ୍ରସ୍ତାବ ବିନା ଦ୍ୱିଧାରେ ହଁ ଭରି ରାଜି ହୋଇଗଲେ । ଏତେ ବଡ଼ ଘର, ପୁଅ ବଡ଼ ବ୍ୟବସାୟ କରିଛି ପାଠ ବି ଭଲ ପଢିଛି, ଘରେ କୌଣସି କଥାର ଅଭାବ ନାହିଁ । ଯୌଥ ପରିବାର ଭିତରେ ତାଙ୍କ ଝିଅ କେବେ ଏକଲା ଅନୁଭବ କରିବନି । ଗୋଟିଏ ବୋଲି ଝିଅର ବାହାଘର ନିଜ ସମ୍ବଳ ଅନୁସାରେ ଆଡ଼ମ୍ବର ସହକାରେ କରିଥିଲେ । ଝିଅ ବି ସର୍ବଗୁଣ ସମ୍ପନ୍ନା, ହସକୁରି ଆଉ ସ୍ନେହମୟୀ । ବାପା ଭାବିଥିଲେ ଏତେ ବଡ଼

ପରିବାରରେ ତାଙ୍କ ଝିଅ ଆରାମରେ ଚଳିଯିବ । ପରକୁ ଆପଣାର କରିବା କଳା ହୁଏତ ମୁନ୍ନା ଠାରୁ ଆଉ କେ ଜାଣେ । ହୁଏତ ଏତେ ସବୁ ଭାବନାରେ ପାଣି ପଡି ଧୋଇ ହୋଇ ଯାଇଥିଲା ବାହାଘରର ଚତୁର୍ଥୀ ବାସି ଠାରୁ । ଭାରି ଅଲିଅଳି ଆଉ ଗେହ୍ଲାରେ ବଡ଼ କରିଥିଲେ ଝିଅକୁ । ବି.ଏ ପାସ୍ କରିଥିଲା ମୁନ୍ନା ଇଚ୍ଛା ଥିଲା ଆହୁରି ପଢିବ, ଶାଶୁଘର ଲୋକଙ୍କ ପ୍ରତିଶ୍ରୁତିରେ ଖୁସି ହୋଇ ମାତ୍ର ଏକୋଇଶି ବର୍ଷରେ ବାହା ହୋଇଗଲା । ଭାବିଥିଲା ଏତେ ବଡ଼ ଲୋକ ଘରେ ବି ଚାକର ଚାକରାଣୀ ଅଛନ୍ତି ଜଞ୍ଜାଳ କମ୍ ଥିବ, ପାଠ ପାଇଁ କିଛି ଅସୁବିଧା ହେବନି । ପ୍ରତିଯୋଗିତା ମୂଳକ ପରୀକ୍ଷା ଦେଇ ସେ କିଛି ନା କିଛି ରୋଜଗାର କରିବ, ତା' ବାପା ଓ ବୋଉଙ୍କୁ ଟିକେ ସାହାଯ୍ୟ କରିବ । ହେଲେ ମୁନ୍ନା ଜାଣି ନଥିଲା ସେ ଦେଖିଥିବା ସ୍ୱପ୍ନ ମାନ ସ୍ୱପ୍ନରେ ରହିଯିବ ବାସ୍ତବତାର ରୂପ ନେବ ନାହିଁ । ସେ ଶାଶୁଘରେ ବୋହୂ ହୋଇ ନୁହେଁ ବରଂ କାମବାଲି ହୋଇ ରହିଥିବାର ଅନୁଭବ କଲା । ନା ମିଳୁଥିଲା ସମ୍ମାନ ନା ସ୍ନେହ ନା ସ୍ୱାମୀଙ୍କ ଭଲ ପାଇବା । ବଡ଼ ଲୋକିଆ ଢଙ୍ଗରେ ତା ସ୍ୱାମୀ ସତିଶ୍ ମଦ ବିନା ବୋଧେ ବଞ୍ଚି ପାରନ୍ତିନି । ମଦ ଆଉ ସାଙ୍ଗସାଥୀ ଗହଣରେ ସେ ପୁରା ନିଜ ସ୍ତ୍ରୀକୁ ଭୁଲି ଯାଆନ୍ତି । ଶାଶୁଙ୍କ କଥା ନ' କହିଲେ ଭଲ ସେ ବୋହୂକୁ ଦେଖିଲେ ତାଙ୍କ ଦେହ ଖରାପ ହୋଇଯାଏ, କାମରେ ସାହାଯ୍ୟ କରନ୍ତିନି ସିନା କାମ ଲଗେଇବାରେ ଆଗଭର ଆଉ ଶ୍ୱଶୁରଙ୍କର ଖାଇବାର ବରାଦ ଏତେ ଯେ ସେ ରୋଷେଇ ଘରୁ ଫୁରୁସତ୍ ପାଏନି । ଧୈର୍ଯ୍ୟ କ'ଣ

ବୋଧେ ମୁନ୍ନା ବହୁତ ଭଲ ଭାବେ ବୁଝିଥିଲା । ସମୟ ସମୟରେ ବୁଲେଇ ବଙ୍କେଇ ଶୁଣେ ତା' ବାପା ବିନା ଯୌତୁକରେ ପଠେଇଛନ୍ତି ବାହା ଦେଇ । ଆଉ ତାର ପରିଶୋଧ କରୁଛି ମୁନ୍ନା । ବାପା ବୋଉଙ୍କୁ କେବେ ହେଲେ କହିନି ତା' ଦୁଃଖ କଥା । ବାପା ତା'ର ପାଠ ପଢା କଥା ପଚାରିଲେ କିଛି ବାହାନା କରି ଏଡେଇ ଦିଏ କଥାକୁ । କାହାକୁ ବା କହିବ ନିଜର ଦୁଃଖ ବାହା ପେଡିରେ ଆଣିଥିବା କାଠ କଣ୍ଢେଇକୁ ସେ ନିଜ ଗୁହାରୀ କରେ । ତା'କୁ ଧରି କୁଣ୍ଢେଇ କାନ୍ଦେ, ମନ କଥା କହେ । ଦେହ ଖରାପ ହେଲେ ବି ଆହାଃ ପଦ ଟୋପେ ମିଳେନି । ସେ ଯେମିତି ସେ ଘରେ ଚାବି ଦିଆ କଣ୍ଢେଇ ପାଲଟି ଯାଇଥିଲା । କ'ଣ ଖାଇବ ? କ'ଣ ପିନ୍ଧିବ ? କେହି ବି ପଚାରି ବୁଝନ୍ତିନି । ଧାନ ଉସୁଆଁ ଠାରୁ ଆରମ୍ଭ କରି ଘରର ସବୁ ପାଇଟି କରେ ଘରର ଚାକର ଚାକରାଣୀଙ୍କ ସହ ମିଶି । ବାହା ଘରର ଚାରି ବର୍ଷ ପରେ ସେ ମା' ହେବାକୁ ଯାଉଛି ଜାଣି ମନରେ ଖୁସିର ତରଙ୍ଗିଣୀ ନାଚି ଉଠିଲା । ଗୋଟିଏ ନାରୀର ପୂର୍ଣ୍ଣତା ଆସିଥାଏ ମାତୃତ୍ୱରେ । କେଉଁ ନାରୀ ବା ଏ ଦିବ୍ୟ ଅନୁଭୂତିକୁ ଅନୁଭବ କରିବାକୁ ଚାହେଁନି । ପୁଣି ସ୍ୱପ୍ନ ଦେଖିବାକୁ ଲାଗିଲା ସେ ନିଜ ଆଗନ୍ତୁକ ସନ୍ତାନକୁ ନେଇ । ହେଲେ ସେ ଭୁଲି ଯାଇଥିଲା ବୋଧେ ସେ ଗୋଟେ କାଠ କଣ୍ଢେଇ । କଣ୍ଢେଇ କ'ଣ ସ୍ୱପ୍ନ ଦେଖେ ? ତା' ହସ କାନ୍ଦ ଆଉ କାହା ହାତରେ ବନ୍ଧା । ଯିଏ ଯେମିତି ଚାବି ମୋଡିବ ସେ ଅନୁସାରେ ସେ ଚାଲିବ । ତା ସ୍ୱାମୀ ସତିଶ୍ ବି ଖୁସି ଥିଲା ପରି ତା'କୁ ମନେ ହେଉଥିଲା,

ଶାଶୁ ଶ୍ୱଶୁରଙ୍କୁ ବି ମନେ ମନେ ଖୁସି ହେଉଥିବାର ସେ ଦେଖି ଭାବୁଥିଲା ବୋଧେ ଏ ଛୁଆ ତା' ଜୀବନରେ ସୁଖର ସୂର୍ଯ୍ୟୋଦୟ ନେଇ ଆସିବ । ହେଲେ ଏ କ'ଣ ସତିଶ୍ ଡାକ୍ତରଙ୍କୁ କିଛି ଟଙ୍କାର ମୋହ ଦେଖାଇ ଗର୍ଭରେ ଥିବା ସନ୍ତାନର ଲିଙ୍ଗ ନିରୂପଣ କରି ଝିଅଟିଏ ବଢୁଛି ବୋଲି ଗର୍ଭରେ ଜାଣିଗଲେ । ସେବେଠାରୁ ସ୍ୱାମୀ କି ଶାଶୁ ଶ୍ୱଶୁର କେହି ବି ତା' ଶରୀରର ଧ୍ୟାନ ନେଲେନି ଯେତିକି ଯତ୍ନ ନେବା କଥା ଗର୍ଭାବସ୍ଥାରେ କାଣିଚାଏ ବି ମିଳିଲାନି । ମୁଗ୍ଧା ଶୁଣିଥିଲା ଗର୍ଭାବସ୍ଥାରେ କୁଆଡେ ସ୍ୱାମୀ ମାନେ ବହୁତ ଯତ୍ନବାନ ଆଉ ଦାୟିତ୍ୱବାନ ହୁଅନ୍ତି ନିଜ ସ୍ତ୍ରୀ ମାନଙ୍କ ପ୍ରତି । କିନ୍ତୁ ମୁଗ୍ଧା କ୍ଷେତ୍ରରେ ସମ୍ପୂର୍ଣ୍ଣ ଓଲଟା । ତା' ସ୍ୱାମୀଙ୍କୁ ଦରକାର ଥିଲା ପୁଅଟିଏ ଆଉ ତା ଶାଶୁ ଶ୍ୱଶୁରଙ୍କୁ ଦରକାର ଥିଲା ତାଙ୍କ କୁଳକୁ ଆଗେଇ ନେବାକୁ ନାତିଟିଏ । ସେଥିପାଇଁ ତ ମୁଗ୍ଧା ଅବହେଳିତା ହୋଇ ପଡିଥିଲା । ପ୍ରସବର ସମୟର ପ୍ରାୟ ପାଖାପାଖି ମୁଗ୍ଧା ନଅ ମାସର ଗର୍ଭବତୀ । ଆଉ କିଛି ଦିନ ଗଲେ ସେ ମାତୃତ୍ୱର ସ୍ୱାଦ ଚାଖିବ । ହୁଏତ ତା ' ସନ୍ତାନକୁ କାହାର ସ୍ନେହ ମିଳିବନି । ଏମିତି ଅନେକ ଚିନ୍ତା ଭିତରେ ସିଡି ପାହଚରୁ ଗୋଡ଼ ଖସିଗଲା ମୁଗ୍ଧାର । ପ୍ରବଳ ଯନ୍ତ୍ରଣାରେ ଛଟପଟ ହେଉଥିଲା ସେ । ବିକଳ ହୋଇ ଡାକ ଛାଡିଲା ସିନା କେହି ଶୁଣିଲେନି । କାଳେ ତା ଶାଶୁ ବୁଝି ପାରିବେ ତା' ଯନ୍ତ୍ରଣାକୁ ପାଖକୁ ଧାଇଁ ଆସିବେ । କେହି ବି ଆସିଲେନି ତା ପାଖକୁ କାହିଁକିନା ସେ ଗୋଟେ କନ୍ୟା ସନ୍ତାନକୁ ଜନ୍ମ ଦେବାକୁ ଯାଉଥିଲା । ମୁଗ୍ଧାର ଯନ୍ତ୍ରଣାରେ

ଚିତ୍କାର କରୁଥିବା ଶୁଣି ସେ ଘରର ଚାକରାଣୀ ରାଧା ଧାଇଁ ଆସି ପାଖରେ ପହଞ୍ଚିଲା । ସେ ବି ଭାବୁଥିଲା ସତରେ କ'ଣ ମଣିଷ ମାନେ ଏତେ ନୃଶଂସ ହୋଇପାରନ୍ତି । ରାଧା ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୁନ୍ନାକୁ ନେଇଗଲା ଡାକ୍ତରଖାନାକୁ । ମୁନ୍ନାର ଅନୁରୋଧରେ ରାଧା ଫୋନ୍ କରି ଡାକିଲା ତା'ବାପା ବୋଉଙ୍କୁ । ସେମାନେ ଆସି ପହଞ୍ଚିଲେ ଆଉ ଝିଅର ଏଇ ଅବସ୍ଥା ଦେଖି କାନ୍ଦି ପକାଉଥିଲେ । ରାଧା ମୁହଁରୁ ସବୁ କଥା ଶୁଣି ବହୁତ ଦୁଃଖୀ ହେଉଥିଲେ ମନେ ମନେ ଭାବୁଥିଲେ ଝିଅ ତାଙ୍କୁ କେବେ ବି କିଛି ତା' ଦୁଃଖର କଥା କହିନି । କଅଁଳା ଛୁଆର କାନ୍ଦ ଶବ୍ଦ ଶୁଣି ତା' ବୋଉ ଯାଇ ଲେବର୍ ରୁମ୍ ଭିତରେ ପହଞ୍ଚିଲେ ମୁନ୍ନା ତାଙ୍କ ହାତକୁ କୁନି ଝିଅଟି ଟେକି ଦେଇ କହିଲା । ଦେଖେ ବୋଉ ମୋ ଜୀବନ ଯେମିତି ହେଲା, ମୋ ଝିଅର ଜୀବନ ସେମିତି ହେବାକୁ ଦେବୁନି । ତାକୁ କାହା ହାତର କାଠ କଣ୍ଢେଇ ହୋଇ ରହିବାକୁ ଦେବୁନି । ଏତିକି କହି ମୁନ୍ନା ଆଖି ବୁଜି ଦେଲା । ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତା'ର ମୃତ୍ୟୁ ହୋଇଛି ବୋଲି ଡାକ୍ତର କହିଲେ । ଏବେ ମୁନ୍ନା ଶୋଇ ରହିଛି ଚିର ନିଦ୍ରାରେ ତା' ସାଙ୍ଗରେ ଶୋଇଯାଇଛି ତା'ର ଯନ୍ତ୍ରଣାମୟ ଜୀବନ ।

*****

ବେଙ୍ଗାଲୁରୁ



# ମହାଔଷଧ

ରୋଜା ପଣ୍ଡା

ଏକଦା ଜଣେ ଓଡ଼ିଆ କବି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ । ସେ ତାଙ୍କର ସମସ୍ତ କାବ୍ୟ କଳାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ମହିମା ବଖାଣୁଥିଲେ । ସେ ବହୁତ ଗୁଡ଼ାଏ ପୁସ୍ତକ ମଧ୍ୟ ରଚନା କରିଥିଲେ ତାଙ୍କ ଜୀବନରେ । ଯାହା କେବଳ ଶ୍ରୀ ଜଗନ୍ନାଥଙ୍କ ବିଷୟରେ ଉଲ୍ଲେଖ ଥିଲା । ତାଙ୍କର ଏକ କବିତା "ଶ୍ରୀ ଜଗନ୍ନାଥ ମହିମା"ରେ ସେ ମହାପ୍ରଭୁଙ୍କର ରଥଯାତ୍ରା ଉପରେ ବର୍ଣ୍ଣନା କରିଥିଲେ । ଯେଉଁଥିରେ ଶ୍ରୀମନ୍ଦିର ଠୁ ଆରମ୍ଭ କରି ଶ୍ରୀଗୁଣ୍ଡିଚା ମନ୍ଦିର, ବଡଦାଣ୍ଡ, ବାଇଶି ପାହାଚ, ଶ୍ରୀପୁରୁଷୋତ୍ତମ ଧାମ ଏବଂ ଶରଧାବାଲି ପ୍ରଭୃତିର ସୁନ୍ଦର ଭାବଧାରା ପରିଲକ୍ଷିତ ହେଉଥିଲା । ଉକ୍ତ କବିତାରେ ଶ୍ରୀମନ୍ଦିର ଆଉ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବଡଦାଣ୍ଡ କିପରି ଭାବେ ଯୋଡି ରଖିଛି ତାହା ବର୍ଣ୍ଣିତ ଥିଲା । ବଡଦାଣ୍ଡ କିପରିଭାବେ ଶ୍ରୀଜଗନ୍ନାଥଙ୍କୁ ଏବଂ ତାଙ୍କ ରଥକୁ ରଥଯାତ୍ରାର ସେଇ


କେତୋଟି ଦିନ ବକ୍ଷରେ ଧରି ଧନ୍ୟ ହୁଏ ତାହା ବିଷୟରେ ମଧ୍ୟ ଖୁବ ସୁନ୍ଦର ଭାବେ ଉଲ୍ଲେଖ ଥିଲା । ଏ ସଂସାର ଜଞ୍ଜାଳ ଭିତରେ ଯେତେବେଳେ ମନ ଥକିଯାଏ, ସେତେବେଳେ ସାରିଆ ଭିକଙ୍କ କଣ୍ଠରେ ଭକ୍ତ ଗାଇଚାଲେ -" ଥକାମନ ଚାଲ ଯିବା, ଚକାନୟନ ଦେଖିବା !" ଆଜି ଏହି ଗୀତଟି ମଧ୍ୟ ଉକ୍ତ କବି ମହାଶୟଙ୍କ କଣ୍ଠରେ ଗୁଞ୍ଜରି ଉଠୁଛି । ସେ ବି ଆଜି ଜୀବନ ଯାତ୍ରାରେ ଥକିପଡ଼ିଛନ୍ତି । ଆଜି ସେ ଉତ୍କଟ କର୍କଟ ରୋଗରେ ପୀଡିତ । ଚିକିସ୍ଵକମାନେ ବ୍ୟର୍ଥ ହୋଇ ତାଙ୍କର ଆରୋଗ୍ୟ ଲାଭର ଆଶା ଛାଡିଦେଇଛନ୍ତି । ଅସହାୟ କବିଜଣକ ଅର୍ଦ୍ଧଚେତନ ଅବସ୍ଥାରେ ଜୀବନ ଯୁଦ୍ଧରେ ସଂଗ୍ରାମ କରୁଥିବା ଅବସ୍ଥାରେ ଏକ ଛୋଟ ବାଳକକୁ ସ୍ୱପ୍ନରେ ଦେଖିଲେ । ହଳଦୀ ରଙ୍ଗର ପାଟମଠା ସାଙ୍ଗକୁ ମଥାରେ ତିଳକ, ଚନ୍ଦନ ଶୋଭା ପାଉଛି । ବାଳକଟି ଧୀରେ ଧୀରେ କବି ମହାଶୟଙ୍କ ନିକଟକୁ ଆସି ତାଙ୍କୁ କହିଲା - "କିପାଇଁ କରୁଛ ଚିନ୍ତା, ଯାଅ ବେଗେ ଶ୍ରୀମନ୍ଦିର ହୋଇ ଅଚିନ୍ତା, ମହାଔଷଧର ଗୋଟିଏ ପାନରେ ହୋଇଯିବ ରୋଗମୁକ୍ତ, ଏହି କଥା ମୋର ମନେରଖିଥା" ଏତିକି କହି ବାଳକଟି କେଉଁ ଆଡେ ଅନ୍ତର୍ଧ୍ୟାନ ହେଇଗଲା । ହଠାତ୍ କବି ମହାଶୟଙ୍କର ନିଦ ଭାଙ୍ଗିଗଲା । ସେ ଶ୍ରୀମନ୍ଦିର ଯିବାପାଇଁ ଅଣ୍ଟା ବାନ୍ଧିଲେ । ହେଲେ ଆଜି ତ ରଥଯାତ୍ରା । ଶ୍ରୀମନ୍ଦିର ବହୁତ ଭିଡ଼ ଥିବ । ତଥାପି ମନରେ ସାହାସ ବାନ୍ଧି କବି ମହାଶୟ ବାହାରିପଡିଲେ ଶ୍ରୀମନ୍ଦିର ଅଭିମୁଖେ ।

ରୋଗିଣା ଦେହରେ ଘୁସୁରି ଘୁସୁରି ଯାଇ ବଡ଼ଦାଣ୍ଡରେ ପହଁଚିଲେ । ହେଲେ ମହାଔଷଧ କେଉଁଠି ମିଳିବ ? ଯାହାକୁ ସେ ପାନ କଲେ ରୋଗମୁକ୍ତି ହେବେ । କ'ଣ ବା ଏହି ମହାଔଷଧ ? କେମିତି ଜାଣିବେ ? ଏମିତିରେ ବଡ଼ଦାଣ୍ଡରେ ଉପସ୍ଥିତ ଲୋକମାନଙ୍କୁ ଗୋଟିଏ ପରେ ଗୋଟିଏ ପଚାରି ଚାଲିଲେ । ହେଲେ କେହିଜଣେ ବି ତାଙ୍କର ପ୍ରଶ୍ନର ଉତ୍ତର ଦେଇପାରିଲେ ନାହିଁ । ସେତେବେଳକୁ କବି ମହାଶୟଙ୍କୁ ବହୁତ ଭୋକ ଲାଗିଲାଣି । କ'ଣ କରିବେ ? ପାଖରେ ପାଇସାଟିଏ ବି ନାହିଁ ଯେଉଁଥିରେ କିଛି ଖାଦ୍ୟ କିଣି ଖାଇବେ । ଶେଷରେ ଭୋକ ବିକଳରେ ସେ ଆନନ୍ଦ ବଜାରରେ ପହଁଚିଲେ । ସେଠି ମଧ୍ୟ କିଛି ପାଇଲେନାହିଁ । ପଣ୍ଡାମାନଙ୍କୁ ବହୁତ କାକୁତିମିନତି କଲେ କିଛି ଖାଦ୍ୟ ପାଇଁ । ହେଲେ କିଛି ଲାଭ ହେଲାନାହିଁ । ବିନା ପଇସାରେ କେହିବି ଖାଦ୍ୟ ଦେଲେନାହିଁ । ଶେଷରେ ସେଇ ଆନନ୍ଦ ବଜାର ଭିତରେ ଗୋଟେ ଗଛମୂଳେ କବି ମହାଶୟ ବସିପଡ଼ିଲେ । ଦେହରେ ରୋଗର ଯନ୍ତ୍ରଣାକୁ ପେଟରେ ଭୋକର କଷ୍ଟ । ବହୁତ ଅସ୍ତବ୍ୟସ୍ତ ହୋଇପଡୁଥିଲେ ସେ । କେଉଁଠୁ ସେ ଖାଦ୍ୟ ପାଇବେ ଆଉ କେଉଁଠୁ ସେ ଉକ୍ତ ମହାଔଷଧ ପାଇବେ ? ଏସବୁ ଭାବୁ ଭାବୁ ତଳେ ପଡିଥିବା ଦୁଇଚାରିଟା ନିର୍ମାଲ୍ୟ ତାଙ୍କ ଆଖିକୁ ଦୃଶ୍ୟମାନ ହେଲା । ସେ ସଙ୍ଗେ ସଙ୍ଗେ ଭୋକ ବିକଳରେ ସେଇ ନିର୍ମାଲ୍ୟ ଚାରିଗୋଟିକୁ ତଳୁ ଉଠେଇ ପାଟିରେ ପକାଇଦେଲେ । ଆଶ୍ଚର୍ଯ୍ୟ !

ଉକ୍ତ ନିର୍ମାଲ୍ୟ ଚାରିଗୋଟିକୁ ପାଟିରେ ପକାଇବାର ମାତ୍ର କିଛି କ୍ଷଣ ମଧ୍ୟରେ ତାଙ୍କ ପେଟର ଭୋକ ମରିଗଲା ସତେ ଯେମିତି ଅନୁଭବ ହେଲା ଯେ ସେ ଏହିକ୍ଷଣି ପେଟ ଭରି ଭୋଜନ କରିଛନ୍ତି ଏବଂ ତାଙ୍କର ଦେହର ପୀଡା, ଅସହ୍ୟ ଯନ୍ତ୍ରଣା ସବୁ କମି କମି ଆସିଲା । ସେ ସଙ୍ଗେ ସଙ୍ଗେ ସୁସ୍ଥ ହେବାକୁ ଲାଗିଲେ । ଧୀରେ ଧୀରେ ଠିଆହେଇ ସେ ଚିନ୍ତା କଲେ ଏହି ନିର୍ମାଲ୍ୟ ଚାରିଗୋଟି ତାହାଲେ ମହାଔଷଧ ।

*****

**ପୂର୍ଣ୍ଣାନନ୍ଦ ଭବନ**
**ନେତାଜୀ ନଗର,**
**ମଧୁପାଟଣା, କଟକ**



# ଶକ୍ତିସ୍ୱରୂପିଣୀ ମା' ତାରିଣୀ

ସୌଭାଗ୍ୟ ରଞ୍ଜନ ମହାପାତ୍ର

**ସା**ରା ଓଡିଶାର ଚତୁଃପାର୍ଶ୍ୱରେ ଘେରି ହୋଇ ରହିଛନ୍ତି ବିଭିନ୍ନ ଦେବା-ଦେବୀ । ସେଥି୍ ମଧ୍ୟରୁ ଏକ ଦେବୀ ହେଉଛନ୍ତି ମା' ତାରିଣୀ । ପରମ ଆହ୍ଲାଦିନୀମୟୀ, ପରମ ଶକ୍ତିମୟୀ, ପରମ ଜ୍ଞାନମୟୀ, ପରମ ତତ୍ତ୍ୱମୟୀ, ସିଦ୍ଧିବୁଦ୍ଧି ଜ୍ଞାନ ପ୍ରଦାୟିନୀ, ଶୋକ ହାରିଣୀ, ଦୁଃଖନାଶିନୀ, ଆର୍ତ୍ତନାଶିନୀ, କ୍ଷମାଦାୟିନୀ, ବିଜୟ ପ୍ରଦାୟନୀ, ସ୍ୱହାଧାମୟୀ, ଜୟ, ଆରୋଗ୍ୟ, ବିଜୟ, ରୂପଯଶ, ଧର୍ମ, ଅର୍ଥ, କାମ, ମୋକ୍ଷ, ଭକ୍ତି ଓ ମୁକ୍ତି ପ୍ରଦାୟିନୀ ଘଟଗାଁ ବାସିନୀ ମା' ତାରିଣୀ ସାରା ଓଡ଼ିଶା ତଥା ସାରା ଭାରତରେ ପ୍ରସିଦ୍ଧ । ଘଟଗାଁ ମା' ତାରିଣୀପୀଠ ଓଡିଶାର ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ର । ମା' ତାରିଣୀ ଦେବୀଙ୍କର ପ୍ରକୃତିଦତ୍ତ ସ୍ୱରୂପ ଏହାଙ୍କର ଆଦିମ ମୂଳ ପ୍ରତିରୂପ ବୋଲି ପ୍ରମାଣିତ କରେ । କିମ୍ବଦନ୍ତୀ କହେ, ମା' ତାରିଣୀ ତାଙ୍କ ଭକ୍ତଙ୍କ ପାଇଁ ସତତ୍ କରୁଣାମୟୀ ଏବଂ ଦୟାଶୀଳା ।

ଓଡିଶାର କେନ୍ଦୁଝର ଜିଲ୍ଲା ଘଟଗାଁରେ ତାରିଣୀ ମା'ଙ୍କ ମନ୍ଦିର

ପ୍ରେରଣା

ଅବସ୍ଥିତ । ଏଠାକାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ତାରିଣୀ । ତତ୍କାଳୀନ ରାଜା ଗୋବିନ୍ଦ ଭଞ୍ଜଦେଓଙ୍କ ଦ୍ୱାରା ୧୪୮୦ରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା । କେଉଁ ମା' ତା' ପିଲାର ଦୁଃଖ ସହ୍ୟ କରି ପାରିନଥାନ୍ତି । ସେଥିପାଇଁ କାହିଁ କେତେ ଦୂରରୁ ଭକ୍ତମାନେ ମା'ଙ୍କ ନିକଟକୁ ନିଜର ଦୁଃଖ ଜଣାଇବା ଲାଗି ଆସିଥାନ୍ତି । ଆଗରୁ ବିଶ୍ୱାସ ରହିଛି କି ମା'ଙ୍କ ନିକଟକୁ ଯିଏ ଦର୍ଶନ ଲାଗି ଆସିଥାନ୍ତି ସେ ଖାଲି ହାତରେ କେବେ ଫେରି ନଥାନ୍ତି । ସେଥିପାଇଁ ପ୍ରତିଦିନ ମା'ଙ୍କ ନିକଟକୁ ଦର୍ଶନ କରିବା ଲାଗି ଶତାଧିକ ଶ୍ରଦ୍ଧାଳୁ ଆସିଥାନ୍ତି । ତାଙ୍କର ଆବିର୍ଭାବ ବିଜେସ୍ଥଳୀ ପୀଠ ଘଟଗାଁ ପାଞ୍ଚ ନମ୍ବର ଜାତୀୟ ରାଜପଥ ପାଣିକୋଇଲିଠାରୁ ୮୦ କି.ମି. ଦୂର ଓ କେନ୍ଦୁଝର ଗଡ଼ଠାରୁ ୪୦ କି.ମି. ଦୂର ଓ ପୁଣ୍ୟସ୍ରୋତ ବୈତରଣୀ ନଦୀକୂଳରେ ଅବସ୍ଥିତ । ଏହି ପୀଠ ପ୍ରାଚୀନତମ ଶକ୍ତିପୀଠ ଓ ତନ୍ତ୍ରପୀଠ ରୂପେ ଓଡ଼ିଶା ତଥା ବାହାରେ ସୁପରିଚିତ । ଘଟଗାଁର ମା' ତାରିଣୀ କରୁଣାମୟୀ, ସନ୍ତାନବତ୍ସଳୀ । ଦୁଃଖରେ, ଦୁର୍ଦ୍ଦିନରେ ଯେ ଯେଉଁଠାରେ ମାଆଙ୍କୁ ଭକ୍ତି ଭାବରେ ସ୍ମରଣ କରେ, ଆହ୍ୱାନ କରେ ତତ୍‌କ୍ଷଣାତ୍ ମାଆ ତାକୁ ମନୋବାଞ୍ଛା ଫଳ ପ୍ରଦାନ କରନ୍ତି । କଳିଯୁଗରେ ମାଆ ହେଉଛନ୍ତି ସାକ୍ଷାତ୍ ଭକ୍ତମାନଙ୍କର ମାଆ । ଏଣୁ ସପ୍ତସତୀ ଚଣ୍ଡୀରେ ଉଲ୍ଲିଖିତ ଅଛି- 'ଯା' ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା, ନମୋସ୍ତସୈ, ନମୋସ୍ତସୈ, ନମୋସ୍ତସୈ ନମୋ ନମଃ ।"

ମା' ତାରିଣୀଙ୍କ ପୀଠକୁ ସୌନ୍ଦର୍ଯ୍ୟମୟ କରୁଥିବା ନିକଟ ସଂରକ୍ଷିତ ଘଞ୍ଚ ବନାନୀ ବନ୍ୟ ପଶୁ ପକ୍ଷୀଙ୍କର ଆଶ୍ରୟ ସ୍ଥଳ । ଅନୁରାଗି ଭକ୍ତଗଣ ଶ୍ରଦ୍ଧାରେ ଦେବୀଙ୍କୁ ନଡିଆ ଭୋଗ ଅର୍ପଣ କରନ୍ତି । ଆଦିବାସୀ ପୂଜକଙ୍କ ଦ୍ୱାରା ଦେବୀ ପୂଜିତା । ସ୍ଥାନିୟ ବାସିନ୍ଦା ଚୈତ୍ର ପୂର୍ଣ୍ଣିମାରେ ମହା ଜାକଜକମରେ ଦେବୀଙ୍କ ପୀଠରେ ମହା ବିଷୁବ ସଙ୍କ୍ରାନ୍ତି ଉତ୍ସବ ପାଳନ କରନ୍ତି । ବର୍ଷସାରା ରାଜ୍ୟ ଏବଂ ରାଜ୍ୟ ବାହାରୁ ଲକ୍ଷ୍ୟ ଲକ୍ଷ୍ୟ ଶ୍ରଦ୍ଧାଳୁ ଭକ୍ତ ମାତୃଦେବୀଙ୍କୁ ଭକ୍ତିପୂତ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଏହାବ୍ୟତୀତ ମା'ଙ୍କ କୃପା ଲାଭ କରିବା ଲାଗି ମା'ଙ୍କର ବଡ ପର୍ବ ଚଇତି ପର୍ବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥାଏ । ଏହି ପର୍ବରେ ମା' ସୁନା ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି । ଏବଂ ଆଷାଢ଼ ପର୍ବରେ ମା' ନିଜେ ତାଙ୍କ ଭକ୍ତ ମାନଙ୍କ ମଙ୍ଗଳ କାମନା ପାଇଁ ଗୋଟେ ଦିନ ଉପବାସ ରହିଥାନ୍ତି । ଯେଉଁଭଳି ମା' ଦୁର୍ଗାଙ୍କର ଦଶଭୁଜା ରହିଛି । ଠିକ୍ ସେହିଭଳି ଦୁର୍ଗାଙ୍କର ଅନ୍ୟ ଏକ ରୂପ ତାରିଣୀ ମା'ଙ୍କର ଚର୍ତୁଭୁଜ ରହିଛି । ମା'ଙ୍କର ଥିବା ଚାରୋଟି ହାତରୁ ବାମ ପାଖର ଉପର ହାତରେ ସେ ଚକ୍ର ଧାରଣ କରିଛନ୍ତି । ବାମ ପାଖର ତଳ ହାତରେ ତ୍ରିଶୁଳ । ସେହିପରି ଦକ୍ଷିଣ ପାଖ ଉପର ହାତରେ ଖଡ୍ଗ ଏବଂ ଦକ୍ଷିଣ ପାଖ ତଳ ହାତ ମା'ଙ୍କର ଶୂନ୍ୟ ରହିଥାଏ । କାରଣ ବହୁ ପୁରାତନ କାଳରୁ ବିଶ୍ୱାସ ରହିଛି ଯେ ମା' ସେହି ଶୂନ୍ୟ ହାତରେ ଭକ୍ତଙ୍କୁ ଆର୍ଶିବାଦ ଦେଇଥାନ୍ତି । ମାଆଙ୍କର ବିଜେସ୍ଥଳୀ ପୀଠରେ ଦ୍ୱାର ଦେଶରେ ଦୁଇ

ଦ୍ୱାରପାଳ ଦେବୀ ବିଦ୍ୟମାନ । ସେମାନେ ହେଉଛନ୍ତି ଦ୍ୱାର ପାଳଶୁଣି ଦେବୀ । ମାଆଙ୍କୁ ସମର୍ପିତ ଦୂରରୁ ଆସିଥିବା ଭୋଗ ନଡ଼ିଆ ଏହିଠାରେ ଭଙ୍ଗା ଯାଇଥାଏ । ଅଧୁନା ମାଆଙ୍କ ପୀଠରେ ଘଟକେଶ୍ୱର ମହାଦେବ ଓ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇ ପୂଜାବିଧ ଚାଲିଅଛି ।

ପୌରାଣିକ ଗାଥା ଅନୁଯାୟୀ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଏବଂ ମାତା ସୀତାଙ୍କର ବନବାସ ବେଳେ ଦୁଷ୍ଟ ରାକ୍ଷସ ରାବଣ ଦ୍ୱାରା ସୀତାଙ୍କୁ ହରଣ କରି ନେଇ ଯିବା ପରେ, ରାମ ଓ ଲକ୍ଷ୍ମଣ ଭୟଭୀତ ହୋଇ ଶକ୍ତିମୟୀ ମା' ଦୁର୍ଗାଙ୍କୁ ଆରାଧନା କରିଥିଲେ । ତାଙ୍କର ସେହି ଆରାଧନାରେ ସନ୍ତୁଷ୍ଟ ହୋଇ ମା' ଦୁର୍ଗା ଶୂନ୍ୟବାଣୀ କରିଥିଲେ । କହିଲେ ବତ୍ସ ମୁଁ ତୁମ ସମ୍ମୁଖରେ ସଙ୍କଟ ହାରିଣୀ ଦେବୀ ମା' ତାରିଣୀ ରୂପେ ଆର୍ବିଭୂତ ହେବି । ତୁମେ ଯଦି ମୋତେ ଦେଖିବାକୁ ଚେଷ୍ଟା କରିବ ତାହାଲେ ମୁଁ ପାଷାଣରେ ପରିଣତ ହୋଇଯିବି । ତାହା ଶୁଣିଲା ପରେ ପ୍ରଭୁ ରାମଚନ୍ଦ୍ର ଏବଂ ଲକ୍ଷ୍ମଣ ଧ୍ୟାନମଗ୍ନ ହୋଇ ରହିଲେ । ସେହି ସମୟରେ ଦେବୀ ଦୁର୍ଗାଙ୍କ ଉପସ୍ଥିତିକୁ ଅନୁଭବ କରି ପ୍ରଭୁ ରାମଚନ୍ଦ୍ର ମା'ଙ୍କ ପାଦ ଛୁଇଁଲା ବେଳେ ହଠାତ୍ ରାମଚନ୍ଦ୍ରଙ୍କର ଗୋଟେ ଆଖି ଫିଟି ଯାଇଥିଲା । ତା'ପରେ ନିଜ ଆଖିରେ ମା' ଦୁର୍ଗାଙ୍କୁ ଦର୍ଶନ କରିଥିଲେ ପ୍ରଭୁ ରାମଚନ୍ଦ୍ର । ସେହି ସମୟରେ ଦେବୀ ସମସ୍ତ ସଙ୍କଟ ହରଣ କରିବାର ପ୍ରତିଶ୍ରୁତି ଦେଇ ପୂର୍ବ ସର୍ତ୍ତ ଅନୁଯାୟୀ

ପାଷାଣରେ ପରିଣତ ହୋଇ ଯାଇଥିଲେ । ସେହିଦିନ ଠାରୁ ମା' ଦୁର୍ଗା ମା' ତାରିଣୀ ନାମରେ ନାମିତ । ଏହାପରେ ମାଆ ତାରିଣୀଙ୍କ ପୂଜାଅର୍ଚ୍ଚନାର ସମସ୍ତ ଦାୟିତ୍ୱ ଶ୍ରୀ ରାମ ବନବାସୀ ମାନଙ୍କୁ ସମର୍ପି ଦେଲେ । ମାଆ ତାରିଣୀଙ୍କ ଅଲୌକିକ ଶକ୍ତି ଦେଖି ବନବାସୀ ମାନେ ମଧ୍ୟ ମାଆଙ୍କୁ ଯଥାରୀତି ପୂଜା ଅର୍ଚ୍ଚନା କରୁଥିଲେ । କାଳାନ୍ତରେ କାଞ୍ଚି ରାଜା ଶାଲ୍ୱ ନରସିଂହଙ୍କ କାନକୁ ମା'ଙ୍କ ଦିବ୍ୟତା ପ୍ରତ୍ୟକ୍ଷତା ଆସିଲା ଏବଂ ସେ ମଧ୍ୟ ମାଆଙ୍କର ପୂଜା ଅର୍ଚ୍ଚନା କରିବାକୁ ଲାଗିଲେ । କାଞ୍ଚି ରାଜା ମାଆଙ୍କ ସ୍ୱପ୍ନ ଆଦେଶ ପାଇ ମାତାଙ୍କର ଏହି ମୂର୍ତ୍ତିକୁ ଶ୍ରୀରାମ ପୂଜା କରିଥିବା ସ୍ଥାନରୁ ଆଣି ନିଜ ରାଜ୍ୟ କାରେ ସ୍ଥାପନ କରାଇଲେ । ମାତାଙ୍କ ସେବା ପୂଜା ଯଥାବିଧ ଶାସ୍ତ୍ରୋକ୍ତ ମତେ କରାଉଥିଲେ । ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜୁତି ସମୟରେ କାଞ୍ଚି ରାଜା ଶାଲ୍ୱ ନରସିଂହ ଦେବ ପୁରୀ ରଥଯାତ୍ରା ଦର୍ଶନ କରି ପ୍ରୀତ ହୋଇଥିଲେ । ନିଜର କନ୍ୟା 'ରୂପାମ୍ବିକା' ବା 'ପଦ୍ମାବତୀ'କୁ ଓଡ଼ିଶାର ଗଜପତି ପୁରୁଷୋତ୍ତମ ଦେବଙ୍କୁ ସମର୍ପଣ ପାଇଁ ଶ୍ରୀ ଜୀଉଙ୍କ ସମ୍ମୁଖରେ ପ୍ରତିଜ୍ଞା କରିଥିଲେ । ଗଜପତି ପୁରୁଷୋତ୍ତମ ଦେବ ଶ୍ରୀ ଜଗନ୍ନାଥଙ୍କ ଛେରା ପହଁରା କାର୍ଯ୍ୟ ଖଡ଼ିକା ଧରି କରୁଥିବାରୁ ପୁରୁଷୋତ୍ତମ ଦେବଙ୍କୁ ଚଣ୍ଡାଳ ରୂପେ ସେ ଅବିହିତ କଲେ । ଏଥିରେ କ୍ଷୁବ୍ଧ ହୋଇ ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଯୁଦ୍ଧ କଲେ ଓ ଯୁଦ୍ଧରେ ପରାସ୍ତ ହେଲେ । ଶେଷରେ ବିଶ୍ୱର ପରମ ଆରାଧ୍ୟ ପରମ ବନ୍ଦ୍ୟ ଜଗଦୀଶ୍ୱର ଜଗନ୍ନାଥଙ୍କ ଶରଣାପନ୍ନ ହେଲେ ।

ଏହି ସମୟରେ କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜ ନିଜ ରାଜ୍ୟରୁ ବିତାଡ଼ିତ ହୋଇ ପୁରୀରେ ଅବସ୍ଥାନ କରୁଥାନ୍ତି । ରାତ୍ରିରେ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହେଲା ପୁରୁଷୋତ୍ତମ ମୋର ମନ୍ଦିର ପଛରେ ଏକ କ୍ଷୁଦ୍ର କୁଡ଼ିଆରେ ମୋର ପରମ ଭକ୍ତ ଗୋବିନ୍ଦ ଅବସ୍ଥାନ କରୁଛନ୍ତି । ତାଙ୍କୁ ପ୍ରଧାନ ସେନାପତି ପଦରେ ବରଣ କର, ତୁମେ ଜୟଯୁକ୍ତ ହେବ । ମୁଁ ମଧ୍ୟ ତୁମ ସହିତ ଯୁଦ୍ଧରେ ଯୋଗଦାନ କରିବି । ଗୋବିନ୍ଦ ଭଞ୍ଜ ମାତା ତାରିଣୀଙ୍କ ପରମ ଭକ୍ତ ଥିଲେ । ସେ ମାତାଙ୍କ ସ୍ତବ, ସ୍ତୁତି ଓ ପୂଜନ ନକଲେ ଜଳ ସ୍ପର୍ଶ କରନ୍ତି ନାହିଁ । କାଞ୍ଚି ଯୁଦ୍ଧ କ୍ଷେତ୍ରରେ ମା' ତାରିଣୀ ଗୋବିନ୍ଦ ଭଞ୍ଜଙ୍କ ଉପରେ ପ୍ରୀତ ହେଲେ ଏବଂ ଆଶୀର୍ବାଦ ଦେଲେ । ଏ ଯୁଦ୍ଧରେ ଗଜପତି ଜୟଯୁକ୍ତ ହେବେ । ଗୋବିନ୍ଦ ଭଞ୍ଜ ମାତାଙ୍କୁ କହିଲେ ମାତା ତୁମେ ମୋ ସହିତ ଶ୍ରୀକ୍ଷେତ୍ର ଗମନ କର । ମାତା ତଥାସ୍ତୁ କହିଲେ । ଏହା ପରେ ମାତାଙ୍କ କୃପାରେ ଗୋବିନ୍ଦ ଭଞ୍ଜ ତାଙ୍କ ହୃତ ରାଜ କେନ୍ଦୁଝରକୁ ଫେରି ଆସିବାପାଇଁ ମନସ୍ଥ କଲେ । ମାତା ତାରିଣୀଙ୍କୁ ସେ ପ୍ରାର୍ଥନା କଲେ କେନ୍ଦୁଝର ଯିବା ପାଇଁ । ମାଆ ରାଜି ହେଲେ । କେତେକଙ୍କ ମତରେ ମାଆ ଏକ ହାନ୍ଦୋଳାରେ ରହିଲେ । ଏହି ହାନ୍ଦୋଳା ହାତୀ ଉପରେ ରହିଲା । ମାଆଙ୍କର ସର୍ତ୍ତ ରହିଲା ହାନ୍ଦୋଳା କୌଣସି ମତେ ଭୂମିସ୍ପର୍ଶ କରିବ ନାହିଁ । ଯେଉଁଠାରେ ହାନ୍ଦୋଳା ଭୂମିସ୍ପର୍ଶ କରିବ, ସେହିଠାରେ ମାଆ ଅବସ୍ଥାନ କରିବେ । ପାଣିକୋଇଲି ପାର ହୋଇ ପାଟହାତୀ ପଶ୍ଚିମାଭିମୁଖୀ ହୋଇ ପାଣିକୋଇଲିଠାରୁ ୮୦ କି.ମି. ଦୂରରେ

ଏକ ବାଲି ଥିବା ସ୍ଥାନରେ ଶୋଇ ପଡ଼ିଲା । ଆଉ ଉଠି ଠିଆ ହେଲା ନାହିଁ । ଏହି ସମୟରେ ସ୍ୱର୍ଗବାଣୀ ହେଲା । ଗୋବିନ୍ଦ ମୁଁ ଏହିଠାରେ ଅବସ୍ଥାନ କରିବି । ମାଆ ଘଟ ରୂପରେ ହାନ୍ଦୋଳାରେ ଆସିଥିବାରୁ ଏହି ସ୍ଥାନର ନାମ ଘଟଗାଁ ହେଲା । କେତେକଙ୍କ ମତରେ ମାଆ ଏକ ଘୋଡ଼ାରେ ଚଢ଼ି ଆସୁଥିଲେ । ଗୋବିନ୍ଦ ଭଞ୍ଜ ଆଗରେ ଚାଲୁଥିଲେ । ଘଟଗାଁ ନିକଟରେ ବାଲିରେ ଘୋଡ଼ାର ଟାପୁ ବାଲିରେ ଗଳି ଗଲା । ମାଆଙ୍କ ପାଦର ପାଉଁଜି ରୁଣ ଝୁଣ ଶୁଭିଲା ନାହିଁ । ମାଆଙ୍କର ସର୍ତ୍ତ ଥିଲା, ଗୋବିନ୍ଦ ତୁମେ ପଛକୁ ଚାହିଁବ ନାହିଁ । ଘଟଗାଁରେ ମାଆଙ୍କ ପାଦର ନୂପର ନ ଶୁଭିବାରୁ ଗୋବିନ୍ଦ ଭଞ୍ଜ ପଛକୁ ଚାହିଁ ଦେଲେ । ମା’ ତତ୍‌କ୍ଷଣାତ୍ ସେହିଠାରେ ପଥର ହୋଇଗଲେ ଓ ଶିଳାଖଣ୍ଡରେ ପରିଣତ ହେଲେ । ଏହା ଷୋଡ଼ଶ ଶତାବ୍ଦୀର କଥା । ଗୋବିନ୍ଦ ଭଞ୍ଜ ଘଟଗାଁ ମନ୍ଦିର ନିର୍ମାଣ କରି ଦେବୀଙ୍କ ପୂଜା ପାଇଁ ପୂଜକ ନିଯୁକ୍ତି କରିଥିଲେ । ଅନ୍ୟ ଏକ ଲୋକ କିମ୍ବଦନ୍ତୀ ଅନୁସାରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଘୋର ଜଙ୍ଗଲ ମଧ୍ୟରେ ରହି ମାଆଙ୍କର ଯଥାବିଧି ପୂଜାର୍ଚ୍ଚନା କରୁଥିଲେ ଦେହୁରୀମାନେ । ମାତ୍ର ସମୟ ସମୟରେ ପୂଜକ ପରିବାରରେ କେହି ଜନ୍ମ ହେଲେ ବା ମୃତ୍ୟୁ ମୁଖରେ ପଡ଼ିଲେ ମାଆଙ୍କର ପୂଜାର୍ଚ୍ଚନା ବାଧାପ୍ରାପ୍ତ ହେଉଥିଲା । ଦୁର୍ଗମ ଜଙ୍ଗଲରେ ବ୍ରାହ୍ମଣ ନମିଳିବାରୁ ରାଜା ଗୋବିନ୍ଦ ଭଞ୍ଜ ଚିନ୍ତିତ ରହୁଥିଲେ । ଭକ୍ତର କଷ୍ଟ ମାଆ ବୁଝିପାରି ସ୍ୱପ୍ନାଦେଶରେ କହିଲେ, ଗୋଟେ ମାଟିଘଟରେ ଗୋ-ଘୃତ ପୂର୍ଣ୍ଣ କରି ମୋର ଆସ୍ଥାନ ନିକଟରେ ଥିବା କୁସୁମ ବୃକ୍ଷ ଡାଳରେ

ବାନ୍ଧିଦେବୁ । ଦେହୁରୀ ପୂଜା ଶେଷରେ ସେହି ପୂଜା ପାଣିକୁ ପ୍ରତିଦିନ ସେହି ଘଟରେ ସିଞ୍ଚିବ । ସେ ଅଶୌଚ ସମୟରେ ସେହି ଘଟରୁ ଟିକିଏ ଘିଅ ପାତ୍ରରେ ନେଇ ପାନ କରିବ ଓ ଆଉ ଟିକେ ଘିଅରେ ଦୁବଘାସ ବୁଡାଇ ମୁଣ୍ଡରେ ସିଞ୍ଚିବ । ଏହାଦ୍ଵାରା ସେ ଅଶୌଚରୁ ମୁକ୍ତି ହୋଇ ମୋର ପୂଜା କରିପାରିବ । ସେହିଦିନଠାରୁ ଘିଅ ଘଟ ବନ୍ଧା ହେବା କାରଣରୁ ମାଆଙ୍କ ପୀଠର ନାମ ହେଲା ଘଟଗାଁ । କାଳକ୍ରମେ ମନ୍ଦିର ଧ୍ଵଂସ ହୋଇଗଲା । ମାଆଙ୍କ ମୂର୍ତ୍ତି ଏକ ଶାଳଗଛ ମୂଳେ ପଡ଼ି ରହିଲା । ଏହି ଗଛକୁ ଲାଗି ଏକ ପାଚିଲାକୋଳି ଗଛ ଥିଲା । ଦିନକର କଥା ଏକ ଶବରର ଦୁଇ ପୁଅ ଅଜାଣତରେ ପାଚିଲା କୋଳି ଖାଇ ମାଆଙ୍କ ମସ୍ତକ ଉପରେ ପକାଇଲେ । ମାଆ ରାଗିଲେ । ସାପ ରୂପ ହୋଇ ଦେହୁରୀ ବଡ଼ ପୁଅକୁ ବଳିଦେଲେ । ସାନପୁଅ ପାଦକୁ ଗିଳିବାକୁ ଆରମ୍ଭ କଲେ । ଶବର ଏହା ଦେଖି ସାପକୁ ମାରିବାକୁ ଉଦ୍ୟମ କରନ୍ତେ, ମାଆ ତାରିଣୀ ଶବରକୁ ଦର୍ଶନ ଦେଲେ । ଶବର ମାଆକୁ କ୍ଷମା ପ୍ରାର୍ଥନା କଲେ ଏବଂ ମା' ତାରିଣୀ ତାକୁ କ୍ଷମା କରି ନିଜର ପୂଜକ ରୂପେ ନିୟୋଜିତ କଲେ ଏବଂ ସେହି ଦିନଠାରୁ ସେହି ଶବର ଦେହୁରୀ ଭାବରେ ମାଆଙ୍କର ପୂଜକ ରୂପେ ସେବା କରିଆସୁଛନ୍ତି ।

ମାଆ ତାରିଣୀ ସରଳ ଭକ୍ତିରେ ସନ୍ତୁଷ୍ଟ । ମାଆ ବନ ଫୁଲ ଓ ବନ ଫଳର ବଡ଼ ଆଦର କରନ୍ତି । ଶ୍ରଦ୍ଧାରେ ଭକ୍ତ ନଡ଼ିଆ ମନ୍ଦାର ଫୁଲ

ପଠାଇଲେ ମାଆ ଗ୍ରହଣ କରନ୍ତି । ନଡ଼ିଆ କଦଳୀ ଓ ବଜାରରେ ମିଳୁଥିବା ଫଳ, ଉଖୁଡ଼ା, କୋରା, ଦହି, ଦୁଧ, ବସାଦହି, ଘିଅ, ଛେନା ଓ ଲହୁଣୀ ଆଦି ମାଆଙ୍କ ପୂଜାରେ ଲାଗେ । ମାଆଙ୍କର ବହୁପର୍ବ ରହିଛି, ସେଥିମଧ୍ୟରୁ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରୁ ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଶେଷ ହେଉଥିବା ପର୍ବ ଶ୍ରେଷ୍ଠ ପର୍ବ । ଏହା ଚଇତି ପର୍ବ ନାମରେ ଖ୍ୟାତ । ଆଷାଢ଼ ମାସରେ ଆଷାଢ଼ୀ ପର୍ବ ତାରିଣୀ ବ୍ରତ, ଦୁର୍ଗାପୂଜା, କାଳୀପୂଜା ମାଆଙ୍କର ପ୍ରଧାନପର୍ବ । ଏହା ବ୍ୟତୀତ ପ୍ରତି ମଙ୍ଗଳବାରରେ ମନ୍ଦିରରେ ଭିଡ଼ ଲାଗେ । ପ୍ରତ୍ୟେକ ଦିନ ବହୁ ନୂତନ ଯାନବାହନ ଏଠାରେ ପୂଜା ହୁଏ । ପ୍ରତ୍ୟହ ମଙ୍ଗଳ ଆରତୀ ପରେ ବାଲ୍ୟ ଭୋଗ, ମଧାହ୍ନ ଅନ୍ନପ୍ରସାଦ ଓ ସନ୍ଧ୍ୟାରେ କୁସୁମ କୋଳି ଚକୁଳିପିଠା ଏଠାରେ ଭୋଗ ଲାଗେ । ପ୍ରଧାନ ଚଇତି ପର୍ବ, କାଳୀପୂଜା, ଦୁର୍ଗା ପୂଜାରେ ମାଆଙ୍କର ବିଜେସ୍ଥଳୀରେ ଚଣ୍ଡୀପାଠ, ହୋମ, ଗୀତାପାଠ ହୁଏ । ଚଇତି ପର୍ବ ସାତ ଦିନ ଧରି ଚାଲେ । ଏହି ସାଂସ୍କୃତିକ ବିଚିତ୍ରା ଏଠାରେ ସମାପନ କରାଯାଏ, ତନ୍ମଧ୍ୟରୁ ପାଲା ଓ ପ୍ରବଚନ ପ୍ରଧାନ । ଆଷାଢ଼ୀ ପର୍ବ ଆଷାଢ଼ ମାସ ଶେଷ ଗୁରୁବାର ପୂର୍ବରୁ ନିଅ ଦିନ ଧରି ଘଟଗାଁ ପୀଠରେ ପାଳନ କରାଯାଏ । ଏହି ପର୍ବରେ ସଧବା ସ୍ତ୍ରୀଲୋକମାନେ ସ୍ୱାମୀ ଓ ପରିବାର ମଙ୍ଗଳ ପାଇଁ ୧୩ ଗଣ୍ଠି ମାତାଙ୍କର ନାମରେ ଦିଅନ୍ତି । ୧୩ ହାତ ସୂତାରେ ୧୩ ଗଣ୍ଠି ପକାନ୍ତି । ୧୩ ମୁଠା ଅରୁଆ ଚାଉଳ ଉପରେ ୧୩ଟି ଗୁଆ ରଖି ମାଆଙ୍କ ନାମରେ ପ୍ରାର୍ଥନା ଓ ନଡ଼ିଆ କଦଳୀ, ଛେନା, ଫଳ ଆଦି

ଭୋଗ ଅର୍ପଣ କରନ୍ତି । ୧୩ଟି ଗଣ୍ଡିରେ ମାଆଙ୍କର ୧୩ ନାମରେ ନାମିତ କରାଯାଏ, ଯଥା- ଦୁର୍ଗା, କାତ୍ୟାୟନୀ, ଗିରିଜା, ବିମଳା, ଚଣ୍ଡୀ, ଯାଜ୍ଞସେନୀ, କାଳୀ, ହିଙ୍ଗୁଳା, ମଙ୍ଗଳା, ଚାଟକାଇ, ଯୋଗମାୟା, ବିରଜା ଓ ଦୟାମୟୀ ମା' ପାର୍ବତୀ ।

ଥରେ ଘଟଗାଁ ଥାନାବାବୁ କୌଣସି ମକଦ୍ଦମାରେ ଦେହୁରୀମାନଙ୍କୁ (ପୂଜକ) ଥାନାରେ ଅଟକ ରଖିଲେ । ମାଆଙ୍କ ପୂଜାରେ ବ୍ୟାଘାତ ହେଲା । ମାଆ ତାଙ୍କ ସେବକ ଦେହୁରୀ ଡାକ ଶୁଣିଲେ । ରାତିରେ ଦୁଇଟି ମହାବଳ ବାଘ ଥାନା ବାବୁଙ୍କ ଥାନା ଦୁଆରେ ହେଣ୍ଟାଳ ଛାଡ଼ିଲେ । ଥାନା ବାବୁ ପୂଜକ ଦେହୁରୀମାନଙ୍କୁ ଛାଡ଼ି ଦେଇ ମାଆଙ୍କଠାରେ ଅଧିଆ ପଡ଼ିଲେ ଓ ମାଆକୁ ଭୁଲ୍ ମାଗିଲେ । ମା'ଙ୍କର ଚତୁଃପାର୍ଶ୍ୱରେ ବିଭିନ୍ନ ଦେବାଦେବୀଙ୍କ ମନ୍ଦିର, ପ୍ରାକୃତିକ ଶୋଭାରାଜି ଓ ଜଳପ୍ରପାତର ଦୃଶ୍ୟ ଅତ୍ୟନ୍ତ ମନୋରମ ଅଟେ । ଘଟଗାଁଠାରୁ ୧୦ କିମି ଦୂରରେ ବହାଟିପୁରା ନୀଳକଣ୍ଠେଶ୍ୱର ମନ୍ଦିର ଘଞ୍ଚ ଜଙ୍ଗଲ ଓ ପାହାଡ଼ ଉପରେ ଅବସ୍ଥିତ । ଘଟଗାଁଠାରୁ ୨୫କିମି ଦୂରରେ ଗୋଟିଏ ବିରାଟ ପଥର ଖଣ୍ଡ ଦେହରେ ସୀତାବିଞ୍ଜି ଶୀଳାଲିପି ଦେଖିଲେ ଆଶ୍ଚର୍ଯ୍ୟ ଲାଗିବ । ଘଟଗାଁଠାରୁ ୧୦ କିମି ଦୂରରେ ଗୁଣ୍ଡିଚାଘାଗୀ ଜଳପ୍ରପାତ, ୪୦ କିମି ଦୂରରେ ଭୀମକୁଣ୍ଡ ଜଳପ୍ରପାତ, ୫୦ କିମି ଦୂରରେ ସାନଘାଗରା ଜଳପ୍ରପାତ ଓ ୧୦୦ କିମି ଦୂରରେ ଖଣ୍ଡାଧାର ଜଳପ୍ରପାତ

ଦେଖିଲେ ଯେକେହି ନିଶ୍ଚିତ ସ୍ୱର୍ଗୀୟ ଆନନ୍ଦରେ ବି ମୋହିତ ହୋଇଯିବ । ବିଶ୍ୱାସ ରହିଛି ମାଙ୍କୁ ସ୍ମରଣ କରି ନଡ଼ିଆଟିଏ ମାନସିକ କଲେ ଅସାଧ୍ୟ ସମସ୍ୟାର ବି ସମାଧାନ ହୋଇଥାଏ । ଲୋକମାନେ ମାନସିକ ନଡ଼ିଆକୁ ନିଜେ ନେଇ ସେଠାକୁ ଯାଇ ନପାରିଲେ ମଧ୍ୟ ଯେ କୌଣସି ଯାନ ବାହାନରେ ମାଆଙ୍କ ପାଖକୁ ନଡ଼ିଆଟିଏ ପଠାଇ ଦେଇଥାନ୍ତି । ଆଉ ସେହି ନଡ଼ିଆ ମାଆଙ୍କ ପାଖରେ ଆସି ପହଞ୍ଚି ଯାଇଥାଏ । ଦେଶର କୋଣ ଅନୁକୋଣରୁ ଏତେ ସଂଖ୍ୟାରେ ନଡ଼ିଆ ଆସେ ଯେ, ସେସବୁକୁ ମହଜୁଦ କରି ରଖିବାକୁ ଏବଂ ସେଥିରୁ କତାଗୁଡ଼ିକୁ ବାହାର କରିବା ପାଇଁ ମନ୍ଦିର ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ ।

ମାଆଙ୍କର ମହିମା ଅବର୍ଣ୍ଣନୀୟ । ତାଙ୍କର ଚାଳିଶା, ସ୍ତୁତିସ୍ତବ, ଭକ୍ତି ଶ୍ରଦ୍ଧାର ଭକ୍ତ ପାଠ କଲେ ଧର୍ମ, ଅର୍ଥ କାମ, ମୋକ୍ଷ, ଚତୁର୍ବର୍ଗଫଳ ସହିତ ପାପତାପରୁ ମୁକ୍ତି ମିଳିବା ସଂଗେସଂଗେ ଭକ୍ତ ଆଶୁ ବିପଦ ଘଟଣା, ଦୁର୍ଘଟଣାରୁ ମୁକ୍ତି ପାଇଥାଏ । ମାଆ ତାରିଣୀ ତାଙ୍କର କରୁଣା ରେଣୁ ସିଞ୍ଚନ କରି ଏ ବିଶ୍ୱରୁ ଅଶାନ୍ତି, ଅଘଟଣ, ଦୁର୍ଘଟଣା, ଆଧି ଭୌତିକ, ଆଧିଦୈବୀକ ଆଧ୍ୟାତ୍ମିକର ତ୍ରିତାପ ନାଶ କରି ବିଶ୍ୱକୁ ଭଦ୍ର ମଙ୍ଗଳମୟ, ଆନନ୍ଦ ଦାୟକ କରନ୍ତୁ ଏହା ହିଁ ତାହାଙ୍କ ନିକଟରେ ମୋର ପ୍ରାର୍ଥନା । ମା' ତାରିଣୀ ସମର୍ପଣାସ୍ତୁ । ଜୟ ଜଗନ୍ନାଥ ।

*****

**ଟିଟିଲାଗଡ, ବଲାଙ୍ଗୀର**

# ନାରୀ ଶକ୍ତିର ପରିପ୍ରକାଶ ନିମନ୍ତେ ସ୍ୱାଧୀନତା



ଐଶ୍ୱରିକା ସାହୁ

**ଭ**ଗବାନଙ୍କ ସୃଷ୍ଟିରେ ନାରୀ ଏପରି ଏକ ସୃଷ୍ଟି ଯାହାର ସଂଜ୍ଞା ନାହିଁ କି ତୁଳନା ନାହିଁ । ନାରୀ ଶବ୍ଦଟା ସିନା ଛୋଟ ହେଲେ ତାକୁ ବ୍ୟାଖ୍ୟା କରିବା ଯେ କାଠିକର ପାଠ ତାହା କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଗତ ବିଭିନ୍ନ ପ୍ରକାର ଶକ୍ତିର ସମ୍ଭାରରେ ଚାଲିଛି । ଶକ୍ତି ବିନା ଯେ ଜୀବନ ଅସମ୍ଭବ ତାହା କହିଲେ କିଛି ଭୁଲ୍ ହେବ ନାହିଁ । ଭଗବାନଙ୍କ ସୃଷ୍ଟିରେ ଦୁଇଟି ମୁଖ୍ୟ ଭୂମିକା, ଯିଏ କି ସଂସାର ରୂପୀ ଚଳଚ୍ଚିତ୍ରର ନାୟକ ଓ ନାୟିକା 'ନାରୀ ଓ ପୁରୁଷ' । ସେଥିମଧ୍ୟରୁ ନାରୀ ଶକ୍ତିର ଯେ ତୁଳନା ନାହିଁ କୌଣସି ଶକ୍ତି ସହ ତାହା ଯୁଗେ ଯୁଗେ ପ୍ରମାଣିତ ।

ପରମେଶ୍ୱର ନାରୀକୁ ବିଭିନ୍ନ ରୂପ ଦେଇ ଗଢି ତୋଳିଛନ୍ତି । କେତେବେଳେ ସେ ଜନନୀ ତ କେତେବେଳେ ପୁଣି ଭଗିନୀ, କେବେ ସେ ବନ୍ଧୁ ପୁଣି କେବେ ସେ ଜାୟା । ଏମିତି ଯେ ଏନେକ ରୂପ ତାର । ନାରୀ

ଠାରୁ ହିଁ ସଂସାର ଆରମ୍ଭ । ସେ ମା', ସେ ଭଉଣୀ ପୁଣି ସେ ସ୍ତ୍ରୀ । ଭଗବାନ ନାରୀ ପାଖରେ ଯେଉଁ ଶକ୍ତି ଦେଇଛନ୍ତି ତାହା ଯେ ଯମ ଯନ୍ତ୍ରଣାକୁ ବି ଏଡାଇ ଦେଇପାରେ ତାହା ପୌରାଣିକ ଇତିହାସରୁ ପ୍ରମାଣିତ । ସତୀ ସାବିତ୍ରୀ ଯେ ତାଙ୍କ ନିଃସ୍ୱାର୍ଥପର ପ୍ରେମ ଓ ଭଲପାଇବାକୁ ଅସ୍ତ୍ରକରି ସତ୍ୟବାନଙ୍କୁ ଯମ ଠାରୁ ଫେରାଇ ଆଣିଥିଲେ ତାହା ତ ଆମେ ବେଶ୍ ଭଲ ଭାବରେ ଜାଣିଛେ । ତାଙ୍କ ଭଲପାଇବାରେ ସେତିକି ଶକ୍ତି ଥିଲା ଯାହା ଯମର ଯନ୍ତ୍ରଣାକୁ ବି ଅକ୍ଳେଶରେ ହରାଇ ପାରିଥିଲା । ମା' ଦୁର୍ଗାଙ୍କ ଠାରୁ ଆଶୀର୍ବାଦ ପାଇ ଯେ ଶ୍ରୀ ରାମଚନ୍ଦ୍ର ରାବଣକୁ ବଦ୍ଧ କରିପାରିଥିଲେ ତାହା ତ ରାମାୟଣରେ ବେଶ୍ ଚର୍ଚ୍ଚିତ । ସେହି ଦୁର୍ଗା ସମାଜରେ ଅନ୍ୟାୟ ଅତ୍ୟାଚାର ସହି ନପାରି ମହିଷାସୁର ଭଳି ରାକ୍ଷସକୁ ବଦ୍ଧ କରିଥିଲେ । ପ୍ରଭୁ ଶ୍ରୀ ଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ତ୍ୟାଗ କରିବାର ପରିଣାମ ତ ଆମେ ଜଗନ୍ନାଥଙ୍କ ଇତିହାସରୁ ବେଶ୍ ଭଲ ଭାବରେ ଜାଣିଛେ ।

ନାରୀ ଯେ ଦୁର୍ବଳା କି ଅବଳା ନୁହେଁ ତାହା ଯୁଗ ଯୁଗରୁ ପ୍ରମାଣିତ । ହେଲେ ମଧ୍ୟ ସମାଜରେ ନାରୀକୁ ଯେଉଁ ପ୍ରକାର ଅତ୍ୟାଚାର କରାଯାଉଛି ତାହା କ'ଣ ବାସ୍ତବରେ ଠିକ୍ ? ଗୋଟେ ମା' ହାଡ଼ଭଙ୍ଗା କଷ୍ଟ ସହି ଦଶମାସ ଦଶଦିନ ଗର୍ଭରେ ଧରି ତା' ଛୁଆକୁ ଜନ୍ମ ଦେଉଛି । ତାହା କ'ଣ ନାରୀ ଶକ୍ତିର ଏକ ଜୀବନ୍ତ ପରିଚୟ ସୃଷ୍ଟି କରୁନି ? ହେଲେ ତାକୁ ଅନୁଭବ କିଏ

କରିପାରୁଛି ? ନା ! ସେହି ପିଲା ବଡ଼ ହେଲା ପରେ କହିବ ମା' ତୁ ମୋ ପାଇଁ କ'ଣ କରିଛୁ ? ସେହି ମା'କୁ ସେ ଖାଇବାକୁ ପିଇବାକୁ ନ ଦେଇ କେତେଯେ ଯନ୍ତ୍ରଣା ଦିଏ, ଏଇଟା କ'ଣ ନାରୀ ପ୍ରତି ଅତ୍ୟାଚାର ନୁହେଁ ? ତଥାପି ମଧ୍ୟ ସେ ମା' ଏତେ ସବୁ ସହିକି ଅଣ୍ଟା ସିଧା କରି ରହିଥାଏ, ସେମିତି ତା ଭଲପାଇବା ଦେଉଥାଏ, ଏଇଟା କ'ଣ ନାରୀର ସହନ ଶକ୍ତିର ପରିଚୟ ନୁହେଁ ? କାହିଁ କେତେ ଯୁଗରୁ ସମାଜରେ ଚାଲିଆସିଛି ଯୌତୁକ ପ୍ରଥା । ଗୋଟେ ଝିଅ ବାହା ହୋଇ ତା ନିଜ ଘର ଛାଡ଼ି ପର ଘରକୁ ଯିବ ସେଠାର ଲୋକଙ୍କୁ ନିଜର କରିବ । ସେଇଟା ଯେ କେତେ କଷ୍ଟ ସେଇଟା କେବଳ ଗୋଟେ ଝିଅ ଜାଣି ଥାଏ । ଅଜଣା ଅଚିହ୍ନା ଲୋକଙ୍କୁ ସାରା ଜୀବନ ପାଇଁ ନିଜର କରିବା, ହାତ ଧରି ଚାଲି ଶିଖାଇଥିବା ବାପା ମା' ଓ ଆପଣାର ଲୋକଙ୍କୁ ଛାଡିକି ଆସିବା ଯେ କେତେ କଷ୍ଟ ? ତଥାପି ଗୋଟେ ଝିଅ ସେ ସବୁ କଷ୍ଟକୁ ମନରେ ଚାପିରଖି ଅନ୍ୟ ଘରକୁ ଆପଣେଇ ନିଏ । ସେଇଟା କ'ଣ ଗୋଟେ ନାରୀର ତ୍ୟାଗ ଶକ୍ତି ନୁହେଁ କି ? ସେ ପରା 'ଦୁହିତା' ଦୁଇ କୁଳକୁ ହିତା । ତଥାପି କିଏ ବୁଝେ ତା କଷ୍ଟକୁ । ଯଦି ସେ ମନ ମୁତାବକ ଜିନିଷ ବାପା ଘରୁ ନ ଆଣିଲା ଲୋକେ ଯେ କେତେ କଥା କୁହନ୍ତି । ଯଦି କାମ ଠିକରେ ନ କଲା ଲୋକେ କହିବେ ତୋ ବାପା ମାଆ କ'ଣ ଘରେ ତୋତେ କିଛି ଶିଖାଇ ନାହାଁନ୍ତି । ଏସବୁ କ'ଣ ଗୋଟେ ନାରୀ ପ୍ରତି

ଅତ୍ୟାଚାର ନୁହେଁ ? ହେଲେ ବି ତା'ର ସେତିକି ଶକ୍ତି ଥାଏ ଏ ସବୁକୁ ସହିବା ପାଇଁ । ପୌରାଣିକ ଇତିହାସରୁ ଆରମ୍ଭ କରି ଆଜି ଯାଏଁ ନାରୀ ପ୍ରତି ଦୁର୍ବ୍ୟବହାର ହଟି ପାରିଲା ନାହିଁ । ବଳାତ୍କାର, ଅପହରଣ ଏମିତି କେତେ ଯେ ଅତ୍ୟାଚାର କେବଳ ନାରୀ ପାଇଁ କାହିଁକି ? ପୁରାଣରେ ଦ୍ରୌପଦୀର ବସ୍ତ୍ର ହରଣ କଥା ଆମକୁ ଜଣା । ମାତ୍ର ସେ ତାଙ୍କ ଭକ୍ତି ଓ ଶକ୍ତି ଦ୍ୱାରା ଏବେ ମଧ୍ୟ ସତୀ ରୂପେ ପରିଚିତ । ସମାଜରେ କେତେ କେତେ ନାରୀ ଯେ ଏ ସବୁର ଶୋଷଣ ହେଉଛନ୍ତି, ତଥାପି ବି ଏ ନାରୀ ସମାଜ ବଞ୍ଚି ରହିଛି । ନାରୀ ସମାଜ ଯଦି ନ ରହିବ ଏ ସୃଷ୍ଟି ଧ୍ୱଂସ ହୋଇଯିବ । ସମାଜରେ ନାରୀକୁ ଅବଳା ଦୁର୍ବଳା କୁହାଯାଉଛି । ହେଲେ କାହିଁକି ? କାହିଁକି ନା ଆଜି ବି ନାରୀର ଶକ୍ତିକୁ କେହି ବୁଝି ପାରି ନାହାଁନ୍ତି । ନାରୀ ଯେ ନାରାୟଣୀ ରୂପ ନେଇପାରେ ସେଥିପ୍ରତି ସମସ୍ତେ ଅଜ୍ଞ । ଗୋଟେ ନାରୀ ଚାହିଁଲେ ମା' ଦୁର୍ଗା ସାଜିପାରେ ମହିଷାସୁର ପରି କେତେ କେତେ ରାକ୍ଷସଙ୍କୁ ବଦ୍ଧ କରିପାରେ । ମାତ୍ର ସମାଜରେ ଏ ଅନ୍ଧ ଆଇନ୍ କାନୁନ୍ ହିଁ ନାରୀକୁ ଦବେଇ ରଖିଛି । ଯଦି ନିଜକୁ ସୁରକ୍ଷା ଦେବାପାଇଁ ନାରୀକୁ ସ୍ୱାଧୀନତା ମିଳନ୍ତା, ଆଇନ୍ କାନୁନ୍ ଯଦି ଅନୁମତି ଦିଅନ୍ତା ତେବେ ସଂସାରରେ ଏମିତି ଅପହରଣ, ବଳାତ୍କାର ଭଳି ଅତ୍ୟାଚାର ହୁଏତ କମି ଯା'ନ୍ତା । କେତେ କେତେ ବାପା ମାଆ ତାଙ୍କ ଝିଅର ନ୍ୟାୟ ପାଇଁ ଆଇନର ଦ୍ୱାରସ୍ଥ ହୁଅନ୍ତେନି । କ'ଣ ମିଳିବ ମଲା ପରେ ନ୍ୟାୟ

ପାଇଲେ ? ବଞ୍ଚି ଥାଉ ଥାଉ ଦଣ୍ଡ ଦେବାର ଆଇନ୍ ବାହାରିଲେ ହୁଏତ ନାରୀ ଶକ୍ତି ପ୍ରତି ଅପମାନ ହବନି କେବେ । ସାରା ବିଶ୍ୱରେ ଇନ୍ଦିରା ଗାନ୍ଧୀ, ରାଣୀ ଲକ୍ଷ୍ମୀବାଈ, କଳ୍ପନା ଚାୱଲା, ଦ୍ୟୁତି ଚାନ୍ଦଙ୍କ ପରି କେତେ କେତେ ନାରୀ ଅଛନ୍ତି, କେତେ କେତେ ନାରୀ ଶକ୍ତି ଲୁକାୟିତ୍ ହୋଇ ରହିଛି । ସେଥିପାଇଁ ନାରୀକୁ ସ୍ୱାଧୀନତା ଦରକାର । ଖାଲି ଯେ ବାହା ହୋଇ ଘରେ ରହିବା ତାହା ନାରୀ ପାଇଁ ସୁରକ୍ଷା ନୁହେଁ । ନିଜେ ନିଜ ପାଇଁ ଲଢ଼ିପାରିବା ତାହା ହେଉଛି ନାରୀ ପାଇଁ ସୁରକ୍ଷା । ସେଥିପ୍ରତି ଆଇନ୍ କାନୁନ୍ ହେଲେ ହୁଏତ ନାରୀ ପ୍ରତି ନ୍ୟାୟ ହେବ ସଂସାରରେ । ନାରୀକୁ ସମ୍ମାନ ଦିଅ ନାରୀକୁ ଭଲ ପାଅ । ସେ ହଉଛି ମା', ସେ ସ୍ତ୍ରୀ, ସେ ହିଁ ଭଉଣୀ । ବାସ୍ତବରେ ଯେଉଁମାନେ ନାରୀକୁ ଅବଳା କି ଦୁର୍ବଳା ଭାବୁଛନ୍ତି ପ୍ରକୃତରେ ସେମାନେ ହିଁ ଦୁର୍ବଳ, ତାଙ୍କ ଚିନ୍ତାଧାରା ହୀନ । ସେଥିପାଇଁ ତ ନାରୀ ଆଜି ସବୁ ଜାଗାରେ ପୁରୁଷଙ୍କ ଠାରୁ ଉପରେ ରହି ଅଧିକ ସୁଯୋଗ ପ୍ରାପ୍ତ । ହେଲେ ମଧ୍ୟ ନିଜ ସୁରକ୍ଷା ପାଇଁ ନାରୀକୁ ସ୍ୱାଧୀନତା ଓ ସହାୟତା ଦରକାର । ତେବେ ଯାଇ ସଂସାରରୁ ଅନ୍ୟାୟ ଅତ୍ୟାଚାର ଦୂର ହେବ ଓ ସମାଜ ତିଷ୍ଠି ରହିବ ।

*****

**ବଡ଼ଦାଣ୍ଡ, ପୁରୀ**



# ପ୍ରେମର ଅନୁଭୂତି

ପ୍ରିୟଦର୍ଶିନୀ ପଣ୍ଡା

**ଚ**ବିଶ୍ ବର୍ଷ ହେଇଗଲା ପୂଜାକୁ କେବେ ବହି ଖାତା ବ୍ୟତୀତ ଅନ୍ୟ କୌଣସି ଠାରେ ମନ ଲଗେଇବାର କେହି ଦେଖିନାହାନ୍ତି ପାଠ ଭଲ ତ ସିଏ ଭଲ । ସାଙ୍ଗ ମାନେ ପରିହାସ କରିବାର କୌଣସି ସୁଯୋଗ ଛାଡ଼ନ୍ତି ନାହିଁ ତୁ କ'ଣ ନୋବେଲ୍ ବିଜୟିନୀ ହବୁ ନା ମଧୁବାବୁ ସାଙ୍ଗେ ଲଢ଼ିବୁ । ହେଲେ କଥା ପୂଜାର ପଢିବାକୁ ନେଇ ନୁହେଁ ତାର ଗମ୍ଭୀର ସ୍ୱଭାବକୁ ନେଇ ମାପିଚୁପି କଥା କହିବା, ମେଳାପୀ ନ ହେବା ବା ଲାଜରେ ମୁହଁ ପୋତି ବସିବା । ଆଜି ଦୁଇ ହଜାର କୋଡିଏରେ ଏମିତି ଝିଅ ମିଳିବା ସତରେ ଆଶ୍ଚର୍ଯ୍ୟର କଥା ନୁହେଁ କି ! ବାପା ମା ବି ଚିନ୍ତିତ ହେଇଗଲେଣି ଏ ଝିଅ ଶାଶୁଘରେ କରିବ କ'ଣ ସମାଜରେ ଚଳିବ କେମିତି ? ମା' ଦିନେ ପୂଜାକୁ ପାଖକୁ ଡାକି ପଚାରିଲେ ତୋ ପାଇଁ ଗୋଟେ ଭଲ ପ୍ରସ୍ତାବ ଆସିଛି କ'ଣ କହୁଛୁ ତୁ ଯଦି କହିବୁ ଆମେ ଆଗକୁ ବଢିବୁ, ନା ତୁ କାହାକୁ ପସନ୍ଦ କରିଛୁ ? ପୂଜାର ବିବ୍ରତ ହେବାର କାରଣ ପ୍ରସ୍ତାବ ନଥିଲା ଝିଅ ଥିଲେ ତ ପ୍ରସ୍ତାବ ଆସିବ ଏଥିରେ ନୂଆ କଥା

କିଛି ନାହିଁ ହେଲେ କାହାକୁ ପସନ୍ଦ କରିଛି କି ନାହିଁ ପଚାରିବାର ମାନେ କ'ଣ ? ବାହାଘର ତ ପ୍ରକୃତିର ନିୟମ ଯାହା ପାଇଁ ଯିଏ ଥିବ ସେ ନିଶ୍ଚିତ ତାକୁ ହିଁ ମିଳିବ ଏଥିରେ ମୋର ପସନ୍ଦ କରିବା କି ପରିବାରର ପସନ୍ଦ କରିବା ଭିତରେ ପାର୍ଥକ୍ୟ କ'ଣ, ମୁଁ କାହିଁକି କାହାକୁ ପସନ୍ଦ କରିବି । ମା' ପୂଜାକୁ ବୁଝେଇଲେ ଶୁଣ ମା' ଜୀବନ ତତେ ତା' ସହ ବିତେଇବାକୁ ପଡିବ ତେଣୁ ତୋର ପସନ୍ଦ ହବା ଜରୁରୀ । ଯା ହୋଉ ଆଜି କାଲି ଦୁନିଆଁରେ ପୂଜା ମା' ଭଳି ଯଦି ସବୁ ମା' ମାନେ ଝିଅଙ୍କ ସ୍ୱାଧୀନତା କଥା ଚିନ୍ତା କରନ୍ତେ ହୁଏତ କେତେ ନିରୀହ ଜୀବନ ଆତ୍ମହତ୍ୟାରୁ ରକ୍ଷା ପାଇ ପାରନ୍ତେ । ସାରା ରାତି ଅନିଦ୍ରା ହୋଇ ପୂଜା ଭାବୁଥାଏ, ମୁଁ ଯୌବନର ସୀମା ରେଖାରେ ଥାଇ ବି ପ୍ରେମ କ'ଣ ଜାଣିପାରିଲିନି କାହାକୁ ପସନ୍ଦ କ'ଣ କରିବି ଯେ ! ସାଙ୍ଗମାନଙ୍କ ଠାରୁ ଶୁଣିଛି ପ୍ରେମ କାଳେ ବଡ଼ ବେଦରଦୀ କାରବାର୍ ସନ୍ଦେହ, ଝଗଡା, ବିଚ୍ଛେଦ ବାସ୍ ସରିଗଲା ଅଢେଇ ଦିନର ପ୍ରେମ । ନା ବାବା ମୋର ସେ ସବୁରେ ପଡ଼ିବାର ନାହିଁ । ଏମିତି ଭାବୁ ଭାବୁ କେତେବେଳେ ଯେ ତା' ଆଖି ଲାଗିଗଲା ଜାଣିପାରିଲନି । ଆଖି ଖୋଲୁ ଖୋଲୁ ସକାଳ ସାତ । ହଠାତ୍ ଝରକାରେ ଚାହିଁ ଦେଖେ ତ ସୁନେଲି ସୂର୍ଯ୍ୟ ସହିତ ଏକ ଧଳା ରଙ୍ଗର କାର୍ ତାଙ୍କ ଘର ଆଗରେ ଛିଡା ହେଇଛି । କିଛି ପଚାରିବା ଆଗରୁ ମା' ଆସି କହିଲେ ପୂଜା ଜଲଦି ଯାଇକି ଗାଧେଇକି ଫ୍ରେସ୍ ହେଇଜା ତୋ ବାପାଙ୍କ ସାଙ୍ଗ ତାଙ୍କ ପରିବାର ସହ ଆସିଛନ୍ତି । ପୂଜା ତ ପୁରା ବାପା ମା'ଙ୍କ ଆଦର୍ଶ

ଝିଅ ତେଣୁ ସାଙ୍ଗେ ସାଙ୍ଗେ ଫ୍ରେସ୍ ହେଇ ସେମାନେ ବସିଥିବା ଘରକୁ ଯାଇ ସମସ୍ତଙ୍କୁ ପ୍ରଣାମ କଲା । ହଠାତ୍ ତା' ନଜର ଅଟକି ଗଲା ସୋଫାର ଶେଷରେ ବସିଥିବା ଜଣେ ଛବିଶ କି ସତେଇଶ ବର୍ଷର ପିଲା ଉପରେ ସେ ପିଲା ବି ପୂଜାକୁ ଲାଜେଇ ଲାଜେଇ ଦେଖୁଥାଏ । କିଛି ଆଶା ମନରେ ଜାଗ୍ରତ ହବା ଆଗରୁ ପୂଜାର ବାପା କହିବାକୁ ଲାଗିଲେ ଏ ହୋଉଛି ମୋ ବନ୍ଧୁ ବିଜୟର ପୁଅ ରାହୁଲ । ସଫ୍ଟୱାରେ ଇଞ୍ଜିନିଅର ହେଲେ ଗୋଟେ ଭଲ ଚିତ୍ରକର ବି । ଏତେ ଟଙ୍କା ରୋଜଗାର କରିବି ଟିକେ ଗର୍ବ ଅହଂକାର ନାହିଁ । ସୁଦୂର ବାଙ୍ଗାଲୋରରୁ ଧାଇଁ ଆସିଛି ଆମର ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ । ସେ ଆମ ଘରେ ରହିବ । ପ୍ରତିଯୋଗିତା ସରିଲା ପରେ ତାଙ୍କ ଘରକୁ ଫେରିଯିବ । ଯା ମା' ପୂଜା ତାକୁ ଅତିଥି କୋଠରୀରେ ରହିବାର ବ୍ୟବସ୍ଥା କରିଦେ । ପୂଜା ବି ଚୁପଚାପ୍ ସେଇୟା ହିଁ କଲା । ଅତିଥି ତ ଭଗବାନଙ୍କ ସମାନ ତେଣୁ ତାଙ୍କ ସତ୍କାରରେ ଟିକେ ବି ହେଳା କରୁନଥାଏ ପୂଜା । ହଠାତ୍ ଦିନେ ରାହୁଲର ଦେହ ଖରାପ ହେଇଗଲା । ଦେହରେ ପ୍ରବଳ ତାତି ସାରା ରାତି ବସି ପୂଜା ତା'ର ସେବା କରୁଥାଏ । ନିଜେ ଉଜାଗର ରହି ବାରମ୍ବାର ଓଦା ପଟି ପକାଉ ଥାଏ । ସକାଳକୁ ରାହୁଲର ଜ୍ୱର ଟିକେ କମିଲା, ସେ ଆଖି ଖୋଲି ଦେଖେ ତ ପୂଜା ତା ବିଛଣା ପାଖରେ ଏକ ଚୌକିରେ ଆଖି ବନ୍ଦ କରି ବସିଛି । ସତରେ

ପୂଜାକୁ ଯିଏ ପାଇବ ସେ ବହୁତ ଭାଗ୍ୟବାନ ଏମିତି ଅନେକ କଥା ଭାବି ପୂଜାକୁ ଚାହିଁ ରହିଥାଏ । ହଠାତ୍ ପୂଜାର ନିଦ ଭାଙ୍ଗି ଦେଖେ ତ ରାହୁଲ ତାକୁ ଚାହିଁ ରହିଛି । ସେଦିନ ପୂଜା ଜୀବନରେ ପ୍ରଥମ ଦିନ ଥିଲା ଯେବେ ସେ ବିବ୍ରତ ହେଇପଡିଥିଲା । ସତେ ଯେମିତି ରାହୁଲର ଚାହାଣିରେ କୋଟିଏ ଅକୁହା କଥା ଲୁଚି ରହିଛି ଏମିତି କାହିଁକି ଲାଗୁଛି ? ସତେ ଯେମିତି ରାହୁଲ ତା'ର ଯୁଗ ଯୁଗରୁ ପରିଚିତ, ସେ ଆଉ ପ୍ରେମରେ ପଡି ଯାଇନି ତ ! ଚୌକିରୁ ଦୌଡି ତା ରୁମକୁ ପଳେଇଲା ପୂଜା । ଏ କ'ଣ ହୋଉଛି ମୋ ମନରେ ଏତେ ଉକ୍ରଣ୍ଠା କ'ଣ ପାଇଁ ? କ'ଣ ରହିଛି ସେ ଚାହାଣିରେ ? ମୁଁ କାହିଁକି ନିଜକୁ ଆୟତ୍ତ କରିପାରୁନି ? କ'ଣ ମୁଁ ରାହୁଲକୁ ଭଲପାଇ ବସିଛି ? ହଁ ବୋଧେ ମୁଁ ପ୍ରେମରେ ପଡିଯାଇଛି । ସେଦିନ ଯେମିତି ଚବିଶ ବର୍ଷର ଅମାବାସ୍ୟା ଆଜି ପୂର୍ଣ୍ଣିମା ଧରି ଫେରିଛି ଗ୍ରୀଷ୍ମରେ ବି, ବସନ୍ତ ବୋହୁଛି, ମନରେ ହିନ୍ଦୀ ସିନେମାର ଅନେକ ସଂଗୀତ ବାଜି ଉଠିଛି ପୂଜାର, ହେଲେ ମନର କଥା ରାହୁଲକୁ କହିବ କେମିତି ? ତାକୁ ତ କୋଉ ପୁଅକୁ ଚାହିଁବାକୁ ବି ଲାଜ ଲାଗୁଛି । କହିବ ବା କେମିତି ଏମିତି ଭାବୁ ଭାବୁ ମା' ଆସି କହିଲେ ତୋ ବାହାଘର ଗୋଟେ ଭଲ ପିଲା ସହ ଆମେ ସ୍ଥିର କରିସାରିଛୁ । କାଲି ତତେ ସେ ଦେଖିବାକୁ ଆସିବେ ତୁ ପ୍ରସ୍ତୁତ ଥା । ପୂଜାର କ୍ଷଣିକ ସ୍ୱପ୍ନଟି ହଠାତ୍ ଭାଙ୍ଗି ଚୂରମାର ହେଇଗଲା । ଜହ୍ନ ପୁଣି ଗ୍ରହଣରେ ଲୁଚିଗଲା ।


ସାଙ୍ଗମାନେ ଠିକ୍ କହୁଥିଲେ, ପ୍ରେମ କେବଳ କଷ୍ଟ ଦିଏ । ଘରେ ମନା କରିପାରିବିନି କି ରାହୁଲକୁ କହିପାରିବିନି, ତାହେଲେ ମୁଁ କରିବି କ'ଣ ? ପ୍ରଶ୍ନର ପାହାଡ଼ ପୂଜାର ମନକୁ ବିଦାରିତ କରିପକାଉଥିଲା । ସେ ଟିକେ ବାଲକୋନୀ ଆଡ଼େ ବୁଲିବାକୁ ବାହାରିଗଲା । ଆଖିରେ ଲୁହ ଛାତିରେ କୋହ ଧରି କିଏ ବା ଶାନ୍ତିରେ ରହିପାରିବ, ହଠାତ୍ ତା' ନଜର ପଡିଲା ରାହୁଲ ରଙ୍ଗ ତୁଳି ଧରି କ'ଣ ଗୋଟେ ଆଙ୍କୁଛି । ସେ ଭାବିଲା ପାଖକୁ ଯାଇ ଦେଖିବ ପୁଣି ରହିଗଲା । ନା ତାଙ୍କ ନିକଟତର ଦୁର୍ବଳ କରିଦେବ ପୁଣି ଥରେ ହେଲେ ସେପଟୁ ରାହୁଲର ସ୍ୱର ଭାସିଆସିଲା ପୂଜା ପୂଜା ଦେଖିଲ ଏ ଛବିଟା କେମିତି ହେଇଛି ! ଆରେ ଆସ ପ୍ଲିଜ୍ ଆସନା । ପୂଜା ରାହୁଲର ଅନୁରୋଧ ଭାଙ୍ଗି ପାରିଲାନି । ଆସି ଦେଖେ ତ ଏ କ'ଣ ? ଏ ତ ତାରି ଛବି । ଖାଲି ଏଇ ଗୋଟେ ନୁହେଁ ତଳେ ଥିବା ସବୁ କାଗଜରେ କେବଳ ପୂଜାର ଛବି । ଆଉ ଗୋଟେ ପାଖରେ "ଆଇ ଲଭ୍ ୟୁ" ମାନେ ରାହୁଲ ବି ମତେ ଭଲପାନ୍ତି । ରାହୁଲ ଟିକେ ସ୍ମିତ ହସ ଦେଇ କହିଲା କ'ଣ ମୋ ପ୍ରେମକୁ ଗ୍ରହଣ କରିବ ତ ? ପୂଜାର ଖୁସି ସେ ଶବ୍ଦରେ ପ୍ରକାଶ କରିପାରୁନଥିଲା, ହେଲେ ଅଜଣା ଭୟ ତାକୁ ଭୟଭୀତ କରିପକାଉ ଥିଲା । ଦୁଇଟି ହୃଦୟ ଆଜି ପୁଣି ଭାଙ୍ଗିଯିବ ଘରେ ତ ଆଉ କେଉଁଠି ବାହାଘର ଠିକ୍ କରିସାରିଲେଣି । ନା ରାହୁଲ ଆମେ କେହି କାହାର ହେଇପାରିବାନି ବୋଧେ ତମେ ମୋ

ଜୀବନରେ ପ୍ରେମର ଅନୁଭୂତିକୁ ଅନୁଭବ କରେଇବା ପାଇଁ ଆସିଥିଲ । ମୁଁ ତୁମକୁ ଜୀବନରେ କେବେ ଭୁଲି ପାରିବିନି ପ୍ରେମ ଯେ କେତେ ମଧୁର ଅନୁଭବ ତାହା ମୁଁ ତମ ପାଇଁ ଜାଣିଲି ହେଲେ ମୁଁ ଘର ଲୋକଙ୍କୁ ଦୁଖୀ କରିପାରିବିନି ଏତିକି କହି ପୂଜା କାନ୍ଦି କାନ୍ଦି ରାହୁଲକୁ ଭିଡି ଧରିଥିଲା । ତା ବାହୁ ବନ୍ଧନରେ ସେ ନିଜେ ବି ବିଶ୍ୱାସ କରିପାରୁନଥିଲା ଏ କ'ଣ ସେଇ ଲାଜକୁଳୀ ଝିଅ ଯିଏ ପୁଅଙ୍କୁ ଚାହିଁବାକୁ ବି ସଂକୋଚ କରେ ଆଜି ସେ ଲଜ୍ୟାକୁ ଭୁଲି ଗୋଟେ ଅଜଣା ପୁଅର ବାହୁରେ ହଜିଲା କେମିତି ! କିଛି କ୍ଷଣ ପରେ ରାହୁଲ ଟିକିଏ ସ୍ମିତହସ ଦେଇ କହିଲା ବେକାରରେ ବ୍ୟସ୍ତ ହୁଅନି ତମେ କେବଳ ମୋର । ପୂଜା ବି ଆଶ୍ଚର୍ଯ୍ୟ ଏତେ ଦୁଃଖର ମୁହୂର୍ତ୍ତରେ ରାହୁଲ ହସୁଛନ୍ତି କେମିତି ! କାରଣ ଆଉ ଅଛପା ରହିଲାନି ପୂଜାର ବାପା ମା' କୋଣରୁ ଲୁଚି ସବୁ ଘଟଣା ଦେଖୁଥିଲେ ଏବଂ ଶେଷରେ ହସି ହସି କହିଲେ ଯୋଉ ପୁଅକୁ ଆମେ ତୋ ପାଇଁ ଠିକ୍ କରିଥିଲୁ ସେ ଆଉ କେହି ନୁହେଁ ରାହୁଲ । ତତେ ତୋ ମନର ମଣିଷକୁ ଚିହ୍ନିବାର ସକ୍ଷମ କରିବାକୁ ଆମେ ସମସ୍ତେ ମିଶି ଏ ଯୋଜନା କରିଥିଲୁ । ମା' କହିଲେ ଏବେ କହ ପସନ୍ଦ କରୁଥିବା ମଣିଷ ମିଳିଗଲେ କେତେ ଖୁସି ଲାଗେ ? ସତରେ ପୂଜା ବି ମା' କଥାକୁ ସେଦିନ ରାହୁଲ ପାଇଁ ଥିବା ଅନାବିଳ ପ୍ରେମରେ ଅନୁଭବ କରିପାରୁଥିଲା । କିଛିଦିନ ପରେ ପୂଜା ରାହୁଲର ବିବାହ ସମ୍ପନ୍ନ ହେଲା । ଦୁହେଁ ଗୋଟେ ସୁନ୍ଦର ପ୍ରେମମୟ ଜୀବନ ଜିଇଁଲେ । ଆଜି ବି ବେଳେବେଳେ

ରାହୁଲ ମଜାରେ ପୂଜାକୁ ପଚାରେ ଆଚ୍ଛା କହିଲ ମୁଁ ତମର ପସନ୍ଦ ତ ?

*****

ଯାଜପୁର








# ଅମରପ୍ରେମ

ପ୍ରଭଞ୍ଜନ ଦାଶ

ପ୍ରେମ ଏକ ପବିତ୍ର ଶବ୍ଦ ଓ ସର୍ବଦା ଶାଶ୍ୱତ ଯାହାର ସ୍ଥିତି ଦ୍ୱାପର ଯୁଗରେ ରାଧା କୃଷ୍ଣଙ୍କ ମଧ୍ୟରେ ହେଉ ବା ତ୍ରେତୟା ଯୁଗରେ ରାମ ସୀତାଙ୍କ ମଧ୍ୟରେ ହେଉ କିମ୍ବା କଳିଯୁଗର ମୋଗଲ ସାମ୍ରାଜ୍ୟରେ ଶାହାଜନ୍ ଓ ମମତାଜଙ୍କ ମଧ୍ୟରେ ସବୁଠାରେ ବିଦ୍ୟମାନ । ପୂର୍ବରୁ ପ୍ରେମର ସଞ୍ଜ୍ଞା ବର୍ଣ୍ଣନା କରିବାକୁ ଯାଇ ନାନାଦି ପରୀ କାହାଣୀ, ରାଜାରାଣୀ କାହାଣୀ ରଚନା ହୋଇ ସାରିଅଛି ପରନ୍ତୁ ଆଜିର ଏହି ଘଟଣାଟି ଅବାସ୍ତବ ଦୁନିଆଁର ପରିକଳ୍ପିତ କାହାଣୀ ହେଲେ ମଧ୍ୟ ବାସ୍ତବିକ ଜୀବନର ବହୁ କ୍ଷେତ୍ରରେ ଏହା ପ୍ରତିଫଳିତ ହୋଇଛି । ସେହିପରି ଏକ ପ୍ରକୃତ ସ୍ନେହ, ପ୍ରେମ ଓ ଭଲପାଇବାର କିପରି ଅନ୍ତ ନଥାଏ ତାହା ନିମ୍ନ ଗଳ୍ପରେ ବର୍ଣ୍ଣିତ ହୋଇଛି । ସେଦିନ ଥିଲା ରବିବାର ରାତି ପ୍ରାୟ ୧୧.୩୦ ହେବ ମେଘାଳୟର 'ମାଳିଧର' ଠାରେ ଥିବା ଏକ ଇନୋକ୍ସ ସିନେମା ଥିଏଟରରୁ ନାଇଟ୍ ଶୋ'ରେ ଏକ ହିନ୍ଦୀ ସିନେମା ଦେଖି ଶିଲଂ ଠାରେ ଥିବା ଘରକୁ ଫେରୁଥାଏ । ସପ୍ତାହକର ଛଅ ଦିନର

କାର୍ଯ୍ୟବ୍ୟସ୍ତତା ପରେ ରବିବାର ଥାଏ ସାଙ୍ଗସାଥୀମାନଙ୍କ ସହ ସହିତ ମିଶି ମଜ୍ଜାମସ୍ତି କରିବାର ଦିନ । ବେଶ୍ ଖୁସି ମନରେ ବାଇକ୍ ଚଲାଇ ରାସ୍ତାରେ ଖୋଜୁଥାଏ ଏକ ଭଲ ଭୋଜନାଳୟ ଟିଏ । ଏକୁଟିଆ ଅବିବାହିତ ପୁରୁଷ ପକ୍ଷରେ ରୋଷେଇ କରିବା ସବୁଠାରୁ କଷ୍ଟ ହେଲେ ମାଘ ମାସର ପ୍ରଚଣ୍ଡ ଶୀତ ରାତିରେ ପ୍ରାୟ ଅଧିକାଂଶ ଦୋକାନ ବନ୍ଦ ହୋଇସାରିଥାଏ । ବହୁତ କଷ୍ଟରେ ଏକ ଢ଼ାବାରେ ରାତ୍ରି ଭୋଜନ ସାରି ଘରକୁ ଫେରୁଥାଏ ରାସ୍ତାସାରା କୁହୁଡି ଓ ଅନ୍ଧକାର, ରାତିର ସେହି ଅନ୍ଧକାରକୁ ଭଙ୍ଗ କରି ଯେତିକି ବାଟ ଦେଖାଯାଉଥାଏ ସେତିକି ବାଟ ଯାଉଥାଏ ବେଳେବେଳେ ବଡ଼ ବଡ଼ ବାଲି ଗୋଡିଂ ବୋଝେଇ ଟ୍ରକ ରାତ୍ରିର ନୀରବତାକୁ ଭଙ୍ଗ କରି ଦ୍ରୁତ ଗତିରେ ମାଡିଂ ଯାଉଥାଏ ଏହା ପରେ ସବୁକିଛି ଶୁନ୍ ଶାନ୍ ହୋଇଯାଏ । ସେହିପରି କିଛି ବାଟ ଆସିଲା ପରେ ହଠାତ୍ ବାଜିଉଠିଲା ମୋର ମୋବାଇଲ ଫୋନ୍, ବାଇକକୁ ଠିଆକରି ଦେଖିଲି ଏକ ଅଜଣା ନମ୍ବରର କଲ୍ ଏବଂ ଫୋନ ଉଠାଇ କହିଲି " ହ୍ୟାଲୋ " ସେପଟୁ ଶୁଭୁଥାଏ ଏକ ଯୁବତୀର ସୁମଧୁର କଣ୍ଠସ୍ୱର " ଆପଣ ସୋମେଶ ପଟ୍ଟନାୟକ କହୁଛନ୍ତି ତ ?" ଏ ପଟୁ ମୁଁ, "ହଁ" କହିବା ମାତ୍ରେ ସେ ପଟୁ ଶୁଭାଗଲା, " ମୁଁ ଅନନ୍ୟା କହୁଛି ତୁମ ସାଙ୍ଗ ଚିହ୍ନି ପାରିଲ ? " ଚିହ୍ନା ଅଚିହ୍ନାର ସେହି ଦ୍ୱନ୍ଦ ଭିତରେ ମୁଁ, "ନାଁ" କହିବା ମାତ୍ରେ ସେପଟୁ ଶୁଭାଗଲା, " କ'ଣ ଚିହ୍ନି ପାରୁନ ମ, ଆଖିରୁ ଦୂରେଇ ଗଲି ବୋଲି କ'ଣ ମନରୁ ବି ତୁମର ଦୂରେଇ ଗଲି । ମୁଁ ଅନନ୍ୟା ସାମନ୍ତରାୟ କହୁଛି, ଯିଏ

ତୁମ ସହ ସ୍ନାତକତ୍ତୋରର ସହପାଠୀ ଥିଲା, ଆମେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିଲେ କେତେ ସାଙ୍ଗସାଥୀ ମଜା ମସ୍ତି କ'ଣ ସବୁ ଭୁଲିଗଲ ? " ଏବେ ମୁଁ ବେଶ୍ ଭଲ ଭାବରେ ଚିହ୍ନି ପାରିଲି ଯେ ବର୍ଷକ ତଳେ ସ୍ନାତକତ୍ତୋର ଡ଼ିଗ୍ରୀ ହାସଲ କରିବା ସମୟରେ ଅନନ୍ୟା ସାମନ୍ତରାୟ ଉତ୍କଳ ବିଶ୍ୱବିଦ୍ୟାଳୟରେ ମୋର ସହପାଠୀ ଥିଲେ ଓ ଦେଖିବାକୁ ଖୁବ୍ ସୁନ୍ଦରୀ ମଧ୍ୟ । ମୁଁ ଜଣେ ଅବିବାହିତ ପୁରୁଷ ଭାବରେ ସୁନ୍ଦରୀ - ତରୁଣୀଙ୍କ ପ୍ରତି ମୋର ଆକର୍ଷଣ ସ୍ୱାଭାବିକ । ଏହା ପରେ ମୋବାଇଲରେ କିଛି ସମୟ କଥା ହେବା ପରେ, ମୁଁ ହଠାତ୍ ଏତେ ରାତିରେ ଫୋନ କରିବାର କାରଣ ପଚାରିବାରୁ ସେ ସଙ୍ଗେ ସଙ୍ଗେ କହିଲେ, "ଶୁଭ ଜନ୍ମଦିନ ସୋମେଶ", ମୁଁ ହଠାତ୍ ହାତର ଘଣ୍ଟାକୁ ଦେଖିବା ବେଳକୁ ସମୟ ଥିଲା ରାତି ୧୨:୦୧ ଯାହା ମୋର ଜନ୍ମ ଦିନ ଅକ୍ଟୋବର ୨୯ ହୋଇ ସାରିଥିଲା । ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି, "ତୁମେ କିପରି ଜାଣିଲ ଯେ ମୋର ଜନ୍ମ ଦିନ ଅକ୍ଟୋବର ୨୯ ରେ ଓ ତାହା ପୁଣି ସମ୍ପୂର୍ଣ୍ଣ ଠିକ୍ ଅବଶ୍ୟ ମୁଁ ତୁମର ଜନ୍ମ ଦିନର ତାରିଖ ଜାଣେ ଏବଂ ତୁମକୁ ଉପହାର ଦିଏ କିନ୍ତୁ ତୁମେ.... " ସେପଟୁ ସ୍ମିତହାସ୍ୟରେ ସେ ଅତି ସୁମଧୁର କଣ୍ଠରେ କହିଲେ, "ତୁମେ ମୋ କଥା ଜାଣିଛ ଅଥଚ ମୁଁ କ'ଣ ତୁମ କଥା ଜାଣିପାରିବିନି, ମୋ ଜନ୍ମଦିନରେ ତୁମେ ଦେଇଥିବା ସେ ମୂଲ୍ୟବାନ୍ ଉପହାର ଆଜିବି ମୋ ପାଖରେ ଅଛି ଓ ସବୁବେଳେ, ସବୁ ସମୟରେ ତୁମ କଥା ମନେ ପକାଇ ଦେଉଛି । ତୁମ ସହ ବହୁଥର କଥା ହେବାକୁ ଚାହିଁଛି ଓ

ଦେଖା କରିବାକୁ ଇଚ୍ଛା ହୋଇଛି କିନ୍ତୁ ତାହା ଏବେ ସମ୍ଭବ ନୁହେଁ । ମୁଁ କହିଲି,"ସମ୍ଭବ ନୁହେଁ, କିନ୍ତୁ କାହିଁକି ?" ସେପଟୁ ସେ କହିଲେ, "କାହିଁକିନା ମୁଁ ଏବେ ବହୁ ଦୂରରେ କାର୍ଯ୍ୟରତ, ସମୟ ଓ ସୁଯୋଗ ମିଳିଲେ ନିଶ୍ଚୟ ଦେଖାହେବା ।" ଏତିକି କହିବା ପରେ ଆପେ ଆପେ ଫୋନ୍ ଟି କଟିଯାଇଥିଲା । ମୁଁ ସାମାନ୍ୟ ଚିନ୍ତିତ ଅବସ୍ଥାରେ ଘରକୁ ଫେରିବା ପରେ ଯାହା ଦେଖିଲି ସେଥିରେ ମୋର ଚିନ୍ତା ଅଧିକ ବଢିଗଲା । ମୋ ଘରର କବାଟ ସମ୍ମୁଖରେ ଥିଲା ଏକ ସୁସଜ୍ଜିତ ଉପହାର ବାକ୍ସ ଓ ବାକ୍ସ ଉପରେ ଲେଖାଥିଲା," ଶୁଭ ଜନ୍ମଦିନ ସୋମେଶ, ଏହା ତୁମର ଜନ୍ମଦିନ ଉପହାର" । ଏହାକୁ ଦେଖିବା ପରେ ମୋର ମନର ଚିନ୍ତା ଓ ବ୍ୟାକୁଳତା ଦ୍ୱିଗୁଣିତ ହୋଇଗଲା ଓ ମୁଁ ସେହି ବ୍ୟାକୁଳତାର ଅନ୍ତ କରିବାକୁ ଯାଇ ସେହି ସୁସଜ୍ଜିତ ଉପହାର ବାକ୍ସକୁ ଖୋଲିବା ଆରମ୍ଭ କଲି ଓ ବାକ୍ସ ଭିତରେ ଥିବା ଉପହାରକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲି, ତାହା ଥିଲା ଏକ ସୁନ୍ଦର କାଚର ତାଜମହଲ ଓ ତା ମଧ୍ୟରେ ଥିଲେ ଜଣେ ରାଜକୁମାର ଓ ଜଣେ ରାଜକୁମାରୀ ଯାହା ପ୍ରେମର ପରିଭାଷା ସମ୍ପର୍କରେ ସୂଚନା ଦେଉଥିଲା ଏବଂ ସେହି ଉପହାର ବାକ୍ସରେ ଥିବା ଏକ କାଗଜକୁ ଦେଖି ଜାଣିବାର ଉତ୍କଣ୍ଠା ହଠାତ୍ ବଢିଗଲା ଓ ସେହି ଛୋଟ କାଗଜରେ ଲେଖାଥିଲା, "ମୁଁ ତୁମକୁ ଭଲପାଏ, ଇତି ତୁମର ଅନନ୍ୟା ।" ଏହାକୁ ଦେଖିବାପରେ ମୋର ମାନସିକ ସ୍ଥିତିର ଅସ୍ଥିରତା ମତେ ବ୍ୟତିବ୍ୟସ୍ତ କରିଦେଲା । ମୁଁ ବେଶ୍ ଭଲଭାବରେ ଜାଣିପାରିଲି ଏ ଉପହାର

ଓ ହାତଲେଖା ଚିଠିଥିଲା ଅନନ୍ୟାର ଓ ମୁଁ ବର୍ଷକ ତଳର ସେ ଅତୀତକୁ ସମ୍ପୂର୍ଣ୍ଣ ମନେପକାଇ ପାରିଲି । ବର୍ଷକ ତଳେ ମୁଁ ଯେଉଁ ଉପହାର ଅନନ୍ୟାକୁ ତା'ର ଜନ୍ମଦିନରେ ପ୍ରଦାନ କରିଥିଲି ଓ ସେଥିରେ ଯେଉଁ ମାଧ୍ୟମରେ "ମୁଁ ତୁମକୁ ଭଲପାଏ" ଲେଖି ତାକୁ ପ୍ରପୋଜ କରିଥିଲି ସେ ଠିକ୍ ସେହିଭଳି ଭାବରେ ମୋର ଜନ୍ମ ଦିନରେ ମୋତେ ଉପହାର ଦେଇ ପ୍ରପୋଜ କରିଛି, ମାତ୍ର ତାହା ସମ୍ଭବ କିପରି କିଛି ସମୟ ପୂର୍ବରୁ ସେ ନିଜେ ତ କହୁଥିଲା ଯେ "ମୁଁ ବହୁ ଦୂରରେ କାର୍ଯ୍ୟରତ, ଦେଖାକରିବାକୁ ବା କଥା ହେବାକୁ ଚାହିଁଲେ ମଧ୍ୟ ସମ୍ଭବ ନୁହେଁ ।" ଏହି ପରି ନାନା ପ୍ରକାରର ପ୍ରଶ୍ନ ମୋର ମନକୁ ଆନ୍ଦୋଳିତ ଓ ଅସ୍ଥିରତା ମଧ୍ୟକୁ ଟାଣିନେଲା ଖାଲି ମୁଁ ନୁହେଁ ଏହି ଘଟଣା ଯାହା ସହିତ ବି ଘଟିବ ତାହାର ମାନସିକ ସ୍ଥିତିରେ ଅସ୍ଥିରତା ସ୍ୱାଭାବିକ । କୌଣସି ବି ପାର୍ଥକ୍ୟ ନ ଥିଲା ମୁଁ ଦେଇଥିବା ଉପହାର ଓ ସେ ଦେଇଥିବା ଉପହାର ମଧ୍ୟରେ କେବଳ ଅନନ୍ୟା ସ୍ଥାନରେ ଲେଖାଥିଲା ସୋମେଶ ଏହି ପରି ବହୁ ପ୍ରଶ୍ନ ଘେରରେ ମତେ ସେ ରାତି କାଟିବାକୁ ପଡିଲା ଓ ପରଦିନ ସକାଳୁ ଏସବୁ କଥା ଯେତେବେଳେ ମୁଁ ମୋର ଏକ ସ୍ନାତକୋତ୍ତର ସହପାଠୀ ବିକ୍ରମକୁ ଫୋନ୍ ମାଧ୍ୟମରେ କହିଲି ସେ ଯାହା କହିଲା ମୋର ପାଦତଳୁ ମାଟି ଖସିଗଲା । ସେଦିନ ଅନନ୍ୟାର ଜନ୍ମଦିନରେ ତାକୁ ଉପହାର ଦେବାପରେ ମୁଁ ଉଚ୍ଚ ଶିକ୍ଷା ଲକ୍ଷ୍ୟରେ ଓ ଚାକିରୀ ଅନ୍ୱେଷଣରେ ବାହାରକୁ ଚାଲିଯାଇଥିଲି ଓ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ନହେବା ପାଇଁ ମୁଁ ମୋର

ମୋବାଇଲ ନମ୍ବର ପରିବର୍ତ୍ତନ କରିଥିଲି ଓ ସହପାଠୀ ମାନଙ୍କ ସମ୍ପର୍କରୁ ସାମହିକ ବିରତି ନେଇଥିଲି ଓ ତା' ପରେ ଅନନ୍ୟା ସହ ଯାହା ଘଟିଲା ତାହା ଥିଲା ଅତ୍ୟନ୍ତ ଭୟଙ୍କର ଯାହା ମୁଁ ବିକ୍ରମର ମୁହଁରୁ ଶୁଣିଲି । ବିକ୍ରମର କହିବାନୁସାରେ ସେ ଦିନ ଜନ୍ମଦିନ ପାଳନ କରିସାରି ଅନନ୍ୟା ମୋ ଉପହାରକୁ ନିଜ ଭ୍ୟାନିଟିରେ ରଖି ବହୁତ ଖୁସିରେ ନିଜ ସ୍କୁଟି ମାଧ୍ୟମରେ ଘରକୁ ଯିବା ସମୟରେ ରାସ୍ତାରେ ଏକ ବଡ଼ ମର୍ମନ୍ତୁଦ ଦୁର୍ଘଟଣାରେ ତା'ର ମୃତ୍ୟୁ ହୋଇଥିଲା । ପରନ୍ତୁ ବିକ୍ରମର କହିବାନୁସାରେ ତୋର ସେହି ଉପହାର ତା'ର ଶେଷ ସନ୍ତକ ଭାବରେ ତା' ସହିତ ସେହି ଜୁଇ ନିଆଁରେ ପାଉଁଶ ହୋଇଯାଇଥିଲା । ବାସ୍ତବରେ ସେ ମଧ୍ୟ ତତେ ବହୁତ ଭଲ ପାଉଥିଲା ଓ ତୋର ସେହି ଉପହାର ପାଇ ସେ ବହୁତ ଖୁସି ହେଇଯାଇଥିଲା ମାତ୍ର ତାହା ଯେ ତା ଜୀବନର ଶେଷ ଖୁସି ସେ କଥା କିଏ ଜାଣିଥିଲା । ସେ ତା'ର ଭଲପାଇବାକୁ ତୋ ସମ୍ମୁଖରେ ପ୍ରକାଶ କରିବାକୁ ସୁଯୋଗ ପାଇନଥିଲା । ତା'ର ମୃତ୍ୟୁ ପରେ ଆମେ ତୋ ସହ ଯୋଗାଯୋଗ କରିବାକୁ ବହୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲୁ, ମାତ୍ର ସେ ଅଶରୀର ହୋଇ ମଧ୍ୟ ତତେ ତୋ ଜନ୍ମଦିନର ଉପହାର ଦେବାପାଇଁ ସେ ମର୍ତ୍ତ୍ୟ ମଣ୍ଡଳକୁ ଓହ୍ଲାଇ ଆସିଛି । ଏ ସବୁକଥା ବିକ୍ରମର ମୁହଁରୁ ଶୁଣିବା ପରେ ମୁଁ ଅବାକ୍ ହୋଇଗଲି ଓ ମୋର ଶରୀର ଜଡ଼ପ୍ରାୟ ପାଲଟି ସାରିଥିଲା ଓ ଚତୁର୍ଦ୍ଦିଗ ମତେ ଅନ୍ଧକାର ଦେଖାଗଲା । ମତେ ବିସ୍ମିତ କରିଦେଉଥିଲା ଆଉ ଏକ ଘଟଣା ଯାହା ମୁଁ ଠିକ୍

ଅନୁମାନ କରିପାରୁଥିଲି ତାହାଥିଲା ଗତକାଲିର ସିନେମା ଓ ଆଜି ମୋ ସହିତ ଘଟୁଥିବା ଘଟଣାର କୌଣସି ପାର୍ଥକ୍ୟ ନଥିଲା । ସେ ହିନ୍ଦୀ ସିନେମାର ଅବାସ୍ତବ କାହାଣୀ ଓ ମୋ ଜୀବନରେ ଘଟୁଥିବା ବାସ୍ତବିକ ଘଟଣା ମଧ୍ୟରେ ସତେ ଯେପରି ମୋ ଜୀବନର କାହାଣୀ ସିନେମାର ରୂପ ନେଇଛି ଓ ମୁଁ ଯାହାକୁ ଦର୍ଶକ ଭାବରେ ଦେଖି ଆନନ୍ଦିତ ହେଉଛି ଓ ହଜିଯାଉଛି ସେ ସିନେମା ମଧ୍ୟରେ । ମୁଁ ସେତେବେଳକୁ ବାସ୍ତବିକ ଦୁନିଆଁ ଓ ସିନେମା ପରଦାର ଦୁନିଆଁ ସହ ଥିବା ସମ୍ପର୍କର ସାମଞ୍ଜସ୍ୟକୁ ଠିକ୍ ଅନୁମେୟ କରିପରୁଥାଏ ଓ ମନେମନେ ଭାବୁଥାଏ ଯେ ପ୍ରକୃତ ପ୍ରେମ ମୃତ୍ୟୁ ପରେ ମଧ୍ୟ ଅମର, ପ୍ରକୃତି ଓ ପରିସ୍ଥିତି ଶରୀରକୁ ଅଲଗା କରିପାରେ ମାତ୍ର ମନକୁ କି ଆତ୍ମାକୁ ନୁହେଁ, ବାସ୍ତବରେ ପ୍ରେମ ସର୍ବଦା ଅମର ।

*****

ଭୁବନେଶ୍ୱର

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ସେପ୍ଟେମ୍ବର - ୨୦୨୦ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana e-Store

*The Ultimate Bookshop*

https://store.preranaodia.com/